

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୫ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 AUGUST 2021

Vol.No. 32 ■ No. 200 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବୋମାଇ ମନ୍ତ୍ରିମଣ୍ଡଳର ସଂପ୍ରସାରଣ

## ଶପଥ ନେବେ ୨୯ ମନ୍ତ୍ରୀ



ନୂଆଦିଲ୍ଲୀ,୦୪/୦୮: କର୍ଣ୍ଣାଟକ ରାଜନୀତରେ ୟେଦ୍ୟୁରପ୍ପାଙ୍କୁ ପୁଣି ଝଟକା ଦେଇଛି ବିଜେପି । ଦଳ ମୁଖ୍ୟମନ୍ତ୍ରୀ ପଦ ନେଇଯିବା ପରେ ଏବେ ବୋମାଇଙ୍କ ମନ୍ତ୍ରୀମଣ୍ଡଳରେ ବି ସ୍ଥାନ ପାଇ ନାହାନ୍ତି ୟେଦ୍ୟୁରୂପ୍ପାଙ୍କ ପୁଅ । ମିଳିଥିବା ସୂଚନା ମୁତାବକ ବୋମାଇଙ୍କ ସରକାରରେ ଆଜି ୨୯ ଜଣ ମନ୍ତ୍ରୀ ଶପଥ ନେବାକୁ ଯାଉଛନ୍ତି । ହେଲେ ଆଶ୍ଚର୍ଯ୍ୟ କରିଦେବା ଭଳି ଖବର ଆସିଛି କି ୟେଦ୍ୟୁରପ୍ପାଙ୍କ ଠାରୁ ବିଜେପି ମୁଖ୍ୟମନ୍ତ୍ରୀ ପଦ କାଢିନେବା ପରେ ଏବେ ତାଙ୍କ ପୁଅକୁ ବୋମାଇ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଉ ନାହିଁ । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି କି ଏଥର ଶପଥ ନେଉଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ କାହାରିକୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳୁ ନାହିଁ । ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ ଗତ ରାତିରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ନେଇ ଆଲୋଚନା ଶେଷ ହୋଇଛି । ଏହା ସହ କାହାକୁ କେଉଁ ବିଭାଗର ମନ୍ତ୍ରୀପଦ ମିଳିବ ସେ ନେଇ ଏକ ସୂଚୀ ବି ପ୍ରସ୍ତୁତ ହୋଇଛି ଓ ଏହାକୁ ଅନୁମୋଦନ ପାଇଁ ରାଜଭବନ ପଠାଇ ଦିଆଯାଇଛି । ସୂଚନା ମୁତାବମ ବୋମାଇ କହିଛନ୍ତି କି ସଂପ୍ରସାରଣ ହେବାକୁ ଯାଉଥିବା ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ବିଧାୟକମାନଙ୍କ ମଧ୍ୟରୁ ପଛୁଆ ବର୍ଗରୁ ୭ ଜଣ,ଅନୁସୂଚିତ ଜାତିରୁ ୩ ଜଣ, ଅନୁସୂଚିତ ଜନଜାତିରୁ ଜଣେ ବିଧାୟକ ରହିଛନ୍ତି । ଏହାସହିତ ଶଶିକଳା ଜୋଲ ନାମକ ଜଣେମାତ୍ର ମହିଳା ବିଧାୟକ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାକୁ ଯାଉଛନ୍ତି । ଅନ୍ୟପଟେ ୟେଦ୍ୟୁରପ୍ପା କହିଛନ୍ତି କି ତାଙ୍କ ପୁଅ ବି.ୱାଇ ବିଜୟେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାର ଆଶା ଅଛି । ହେଲେ ୟେଦ୍ୟୁରପ୍ପାଙ୍କ କଥାକୁ ଖଣ୍ଡନ କରି ବୋମାଇ କହିଛନ୍ତି କି ବିଜୟେନ୍ଦ୍ରଙ୍କ ନାମ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ବିଧାୟକଙ୍କ ମଧ୍ୟରେ ନାହିଁ ।

## ଘରୋଇ ଭଳି ସରକାରୀ ସ୍କୁଲରେ ବି ହେବ ପ୍ଲେ ସ୍କୁଲ

ଭୁବନେଶ୍ୱର,୦୪/୦୮(ନି.ପ୍ର): ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ବି ଆରମ୍ଭ ହେବ ପ୍ଲେ ସ୍କୁଲ । ଦେଶରେ ସମଗ୍ର ଶିକ୍ଷା ଯୋଜନାର ଦ୍ୱିତୀୟ ଭାଗକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ନୂଆ ଶିକ୍ଷା ନୀତି ନେଇ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ବସିଥିଲା । ସମଗ୍ର ଶିକ୍ଷା ଯୋଜନା ପାଇଁ ୨ ଲକ୍ଷ ୯୪ ହଜାର ୨୮୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ କେନ୍ଦ୍ର ସରକାର ଖର୍ଚ୍ଚ କରିବେ ୧ ଲକ୍ଷ ୮୫ ହଜାର ୩୯୮ କୋଟି ଟଙ୍କା । ଏହି ଯୋଜନାରେ ୧୧ ଲକ୍ଷ ୬୦ ହଜାର ସ୍କୁଲ ଏବଂ ୧୫ କୋଟି ୬୦ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ । ସରକାରୀ ସ୍କୁଲରେ କିପରି ଉଚ୍ଚମାନର ଶିକ୍ଷାଦାନ କରାଯିବ, ଏଥିରେ ବ୍ୟବସ୍ଥା କରାଯାଇଛି । ▶▶ପୃଷ୍ଠା ୭

## ପିଏସ ବିରଂଚି ସାହୁଙ୍କ ଆୟ ବହିର୍ଭୂତ ସଂପତି ମାମଲା

# ଟଙ୍କା କାରବାର ତଦନ୍ତ କରିବ ଇଡି



ଭୁବନେଶ୍ୱର,୦୪/୦୮(ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ସଦସ୍ୟଙ୍କ ଏହି ବ୍ୟକ୍ତିଗତ ସଚିବ ଓଡିଶାରେ ଦୁର୍ନୀତିର ପ୍ରତୀକ ବନି ଯାଇଛନ୍ତି । ଏହିଭଳି ବ୍ୟକ୍ତିମାନେ ସରକାରୀ ପଦପଦବିରେ ରହି, ଲୁଟ୍ କରନ୍ତି, ଯୋଗ୍ୟ ପିଲାଙ୍କ ହକ୍ ଛଡାଇ ନେଇ ନିଜ ପକେଟ ଗରମ କରି ଅୟସ କରନ୍ତି । ବିରଂଚିଙ୍କ ପାଖରୁ ଭିଜିଲାନ୍ସ ପାଖାପାଖି ୪କୋଟି ଟଙ୍କା ପାଇଛି । ଏସବୁ ଟଙ୍କା କେଉଁଠୁ ଆସିଲା ? ଟଙ୍କା କାରବାରର କେମିତି କରୁଥିଲେ ? ଆଉ କେଉଁମାନେ ଏହି କାରବାରରେ ତାଙ୍କ ସହ ସମ୍ପୃକ୍ତ ଥିଲେ କି ନାହିଁ ? ଅନ୍ୟ ଅଧିକାରୀ ଓ କର୍ମଚାରୀ ବି ଏମିତି ନା ସେମାନେ ବି ଏହି କାରବାର କରନ୍ତି ? ଏମିତି ଏକାଧିକ ପ୍ରସଙ୍ଗରେ ଟିକିନିଖି ତଦନ୍ତ କରିବ ଇଡି ଅର୍ଥାତ ପ୍ରବର୍ତନ ନିର୍ଦ୍ଦେଶାଳୟ । ବୁଧବାର ଭିଜିଲାନ୍ସ ଅଫିସରେ ପହଂଚି ଆଉ ଜଣେ ଚାକିରୀ ଆଶାୟୀ ନିହାର ରଂଜନ ଦାଶ ଓଏସଏସସିର ନିଯୁକ୍ତି ପ୍ରକ୍ରିୟାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଦୁର୍ନୀତି ଯୋଗୁଁ ଅଯୋଗ୍ୟଙ୍କୁ ଚାକିରୀ ମିଳୁଥିବା ବେଳେ ମେଧାବୀ ଛାତ୍ର କଟି ଯାଉଛନ୍ତି । ବିଶେଷ କରି ପରୀକ୍ଷା ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଓଏସଏସସି କାର୍ଯ୍ୟାଳୟରେ ଥିବା ବିରଂଚି ସାହୁଙ୍କ ଭଳି କର୍ମଚାରୀଙ୍କୁ ଲାଂଚ କାରାବାର କରିବା ସହଜ ହେଉଛି । ଏସଆଇ ପରୀକ୍ଷା ପାଇଁ ୨୦୧୮ରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ଯାଏଁ ପ୍ରିଲିମିନାରୀ ପରୀକ୍ଷା କରାନିଯିବା ଦୁର୍ନୀତି ପାଇଁ ବାଟ ଫିଟାଉଛି । ନିଜ ପକେଟ ଗରମ କରୁଥିବା ଏଭଳି ସରକାରୀ ଅଧିକାରୀଙ୍କୁ ହୁଏତ ଦଣ୍ଡ ବି ମିଳିପାରେ । କିନ୍ତୁ ସବୁଠାରୁ ବଡ କଥା ହେଉଛି, ଆଉ କେଉଁମାନେ ବିରଂଚି ଭଳି ଲୋକ ତିଆରି କରନ୍ତି, ଏବଂ ଦୁର୍ନୀତି ପାଇଁ ବାଟ ବନାନ୍ତି, ସେମାନେ କେବେ ଧରାପଡିବେ ? ପ୍ରକୃତରେ ଆମ ଇଡି କିମ୍ବା ଭିଜିଲାନ୍ସ ସେମାନଙ୍କ ନିକଟରେ ପହଁଚି ପାରିବେ ତ ? ନା ତା ଭିତରେ ଆଉ କିଛି ଛପି ଯିବ ?

## ଅଗଷ୍ଟ ୯ରୁ ଖୋଲିବ ବୈଷୟିକ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଆଗାମୀ ଅଗଷ୍ଟ ଗଷ୍ଟ ୯ରୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ । କେବଳ ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅଫ ଲାଇନ ଫିଜିକାଲ କ୍ଲାସ ହେବ । ଏ ସମ୍ପର୍କରେ ରାଜ୍ୟ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କୁ ପତ୍ର ଲେଖା ଯାଇଛି । ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଛାତ୍ରାବାସ ମଧ୍ୟ ଖୋଲିବ । ଏହି ସମୟରେ କୋଭିଡ ଗାଇଡଲାଇନକୁ କଡାକଡି ପାଳନ କରା ଯିବାକୁ ନିର୍ଦ୍ଦେଶ ଦିଆ ଯାଇଛି ।

## ପ୍ରି ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର, ଶିକ୍ଷକ ଶିକ୍ଷାୟତନ ବିକାଶ ପାଇଁ ଐତିହାସିକ ପଦକ୍ଷେପ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର/ନୂଆଦିଲ୍ଲୀ,୦୪/୦୮ (ନି.ପ୍ର): ଦେଶରେ ସମଗ୍ର ଶିକ୍ଷା ଯୋଜନା ୨.୦କୁ କୟାବିନେଟର ମଞ୍ଜୁରୀ ମିଳିଛି । ୨,୯୪,୨୮୩.୦୪ ନକାଟି ଟଙ୍କାର ଯୋଜନାରେ କେନ୍ଦ୍ରର ଅଂଶ ରହିବ ୧,୮୫,୩୯୮.୩୨ ନକାଟି । ଏପ୍ରିଲ ୧, ୨୦୨୧ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୫ ବର୍ଷ ଧରି ଏହା କାର୍ଯ୍ୟକାରୀ ହେବ । ବୁଧବାର ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟରେ ସ୍କୁଲ ଶିକ୍ଷା କ୍ଷେତ୍ରରେ ଐତିହାସିକ ନିଷ୍ପତ୍ତି ନିଆଯାଇଛି । ଏ ସମ୍ବନ୍ଧରେ ସାମବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ସ୍କୁଲ ଶିକ୍ଷା କ୍ଷେତ୍ରରେ ଆରମ୍ଭ ହେବ ନୂଆ ଯୁଗ । ପ୍ରି ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ୍ ହେବେ । ସାର୍ବଜନୀନ ଶିକ୍ଷା ସହିତ ସ୍କୁଲର ଭିତ୍ତିଭୂମି ଓ ପିଲାମାନେ କେମିତି ସ୍କୁଲ ଛାଡ଼ି ଯିବେ ନାହିଁ ଏହା ଉପରେ ରହିବ ଗୁରୁତ୍ୱ । ଲିଙ୍ଗଗତ ବିଭେଦ ଦୂର, ଉନ୍ନତ ମାନ ଓ ନବସୃଜନ ଶିକ୍ଷକ ଦରମାରେ ସହାୟତା ଡିଜିଟାଲ ବିକାଶ, ଶିକ୍ଷା ଅଧିକାରରେ ୟୁନିଫର୍ମ ଓ ପାଠ୍ୟପୁସ୍ତକ, ଧନ୍ଦାମୂଳକ ଶିକ୍ଷା, କ୍ରୀଡା ଓ ଶାରୀରିକ ଶିକ୍ଷା, ଶିକ୍ଷକ ଶିକ୍ଷା ଉପରେ ଏହି ଯୋଜନାରେର ରହିବ ସବୁଠୁ ଅଧିକ ଗୁରୁତ୍ୱ । ସରକାରୀ ସ୍କୁଲରେ ବି ଆରମ୍ଭ ହେବ ପ୍ଲେ ସ୍କୁଲ । ଏହାଦ୍ୱାରା ଦେଶରେ ସ୍କୁଲ ଶିକ୍ଷା କ୍ଷେତ୍ରରେ ନୂଆ ଯୁଗର ଆରମ୍ଭ ନହବ । ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଆସୁଥିବା ବେଳେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନାରନ୍ଦ୍ର ମୋଦିଙ୍କ ଶିକ୍ଷା କ୍ଷେତ୍ରରେ ଥିବା ଦୂରଦୃଷ୍ଟିକୁ ସଠିକ୍ ଭାବେ କ୍ରିୟାନ୍ୱିତ କରିବାରେ ବଡ ସହାୟକ ହେବ ବୋଲି ସେ କହିଛନ୍ତି ।

## ନିୟମ ପାଳନରେ ହେଳା କଲେ ପୁଣି ଥରେ ଲକ୍ ଡାଉନ ଲାଗୁ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୪/୦୮ (ନି.ପ୍ର): ତୃତୀୟ ଲହର ସଂପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସତର୍କ କରିସାରିଲେଣି । ବିଶ୍ୱର ବିଭିନ୍ନ ସ୍ଥାନରେ ତୃତୀୟ ଲହର ଭୟଙ୍କର ହେବାରେ ଲାଗିଛି। ତେଣୁ ଏପରି ପରିସ୍ଥିତିରେ କୋଭିଡ ନିୟମ ପାଳନରେ କୌଣସି ଢିଲା ଗୁରୁତର ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଆଜି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଅନ୍‌ଲକ୍ ପରେ କେତେକ ମାର୍କେଟରେ ବହୁତ ଭିଡ ହେଉଛି । ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ । ଏହାଦ୍ୱାରା ଆମେ ନିଜ ପାଇଁ ଓ ନିଜ ପ୍ରିୟଜନଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଛୁ। ଆମେ କିଛି ଜାଣିବା ପୂର୍ବରୁ ସଂକ୍ରମଣ ବହୁଭାବରେ ବଢିଯାଇପାରେ। ତେଣୁ ସରକାର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଯଦି ସରକାର ଅନୁଭବ କରନ୍ତି ▶▶ପୃଷ୍ଠା ୭

## ଅଗଷ୍ଟ ୧୬ରୁ ଖୋଲିବ ପୁରୀ ଶ୍ରୀମନ୍ଦିର



ପୁରୀ,୦୪/୦୮(ନି.ପ୍ର): ଦୀର୍ଘ ଦିନ ପରେ ପୁଣି ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର । ଆସନ୍ତା ୧୬ ତାରିଖରୁ ଭକ୍ତଙ୍କ ପାଇଁ ଖୋଲିବ କାଳିଆ ଦୁଆର । ପ୍ରଥମ ୫ ଦିନ ପୁରୀବାସୀଙ୍କୁ କେବଳ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିବ । ଅଗଷ୍ଟ ୧୬ରୁ ୨୦ ତାରିଖ ପୁରୀବାସୀ ମହାପ୍ରଭୁଙ୍କ ରତ୍ନବେଦୀରେ ଦର୍ଶନ କରିବେ । ୨୧ ଓ ୨୨ ତାରିଖରେ ସଟଡାଉନ ପଡୁଥିବାରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଅନୁମତି ମିଳିବ ନାହିଁ । ତେବେ ଆସନ୍ତା ୨୩ରୁ ସାଧାରଣ ଲୋକଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସୂଚନା ଦେଇଛନ୍ତି । ମନ୍ଦିର ଖୋଲିଲେ ମଧ୍ୟ ସବୁ ଲୋକଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ । କେବଳ ଦ୍ୱିତୀୟ ଡୋଜ ଟୀକା ନେଇଥିଲେ କିମ୍ବା ଆରଟି-ପିସିଆର ରିପୋର୍ଟ ନେଗେଟିଭ ଥିଲେ ଭକ୍ତଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିବ । ରାଜ୍ୟର କରୋନା ସଂକ୍ରମଣ ବଢିବା କାରଣରୁ ଗତ କିଛି ମାସ ହେବ ଭକ୍ତଙ୍କ ପାଇଁ ବନ୍ଦ ଥିଲା ପୁରୀ ଶ୍ରୀମନ୍ଦିର । କିନ୍ତୁ ରାଜ୍ୟରେ ସଂକ୍ରମଣ ଧୀରେ ଧୀରେ କମିବା ପରେ ଏବେ ଭକ୍ତଙ୍କ ପାଇଁ କାଳିଆ ଦୁଆର ଖୋଲିବାକୁ ମିଳିଛି ଅନୁମତି ।

## ମାଟ୍ରିକ ପ୍ରଶ୍ନପତ୍ର ଅଦଳବଦଳ ଘଟଣାର ତଦନ୍ତ ପାଇଁ ଗଣଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ମାଟ୍ରିକ ରେଗୁଲାର ଛାତ୍ରଛାତ୍ରୀଙ୍କୁ ଏକ୍ସ ରେଗୁଲାର ପଶ୍ନପତ୍ର ଦିଆଯିବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ। ଗଣଶିକ୍ଷା ବିଭାଗ ସଚିବ ଏହି ମାମଲାର ତଦନ୍ତ କରିବେ। ସୂଚନାଯୋଗ୍ୟ, ଗତକାଲି ମାଟ୍ରିକ୍ ପରୀକ୍ଷାରେ ରେଗୁଲାର ପିଲାଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ଏବଂ ଏକ୍ସରେଗୁଲାର ପିଲାଙ୍କୁ ରେଗୁଲାର ପ୍ରଶ୍ନପତ୍ର ମିଳିଥିଲା। କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲରେ ହେଉଥିବା ଅଫଲାଇନ୍ ମାଟ୍ରିକ୍ ପରୀକ୍ଷାରେ ଏଭଳି ବିଭ୍ରାଟ ଦେଖିବାକୁ ମିଳିଥିଲା। ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଏଭଳି ତ୍ରୁଟି ଜଣାପଡ଼ିବା ପରେ ପିଲାଙ୍କୁ ପାଖାପାଖି ଅତିରିକ୍ତ ୧ଘଂଟା ସମୟ ଦିଆଯାଇଥିଲା। ହେଲେ, ଏହା ଜଣାପଡ଼ିବା ବେଳକୁ କିଛିପିଲା ପ୍ରଥମ ପେପର ପରୀକ୍ଷା ଦେଇସାରିଥିଲେ। ଏଥିପାଇଁ ପିଲାଙ୍କୁ ହଲ୍ ରେ ୩ଘଂଟାରୁ ଅଧିକ ସମୟ ବସିବାକୁ ପଡ଼ିଥିଲା। ଏଭଳି ତ୍ରୁଟିର ଶିକାର ହୋଇଥିବା ପାଖାପାଖି ୨୦ ଜଣ ପରୀକ୍ଷାର୍ଥୀ ସେମାନଙ୍କୁ ନ୍ୟାୟ ଦେବାକୁ ବୋର୍ଡ ସଂପାଦକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି।

# ଦିଲ୍ଲୀରେ ୯ ବର୍ଷର ଝିଅକୁ ହତ୍ୟା ଘଟଣା

■ପୀଡିତାଙ୍କ ପରିବାରକୁ ଭେଟିଲେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ

■ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଘୋଷଣା



ନୂଆଦିଲ୍ଲୀ,୦୪/୦୮: ଦିଲ୍ଲୀରେ ୯ ବର୍ଷର ଝିଅକୁ ହତ୍ୟା କରିବା ଘଟଣା ଏବେ ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି । ବିରୋଧୀମାନେ ଏହାକୁ ନେଇ କେଜ୍ରିୱାଲ ସରକାକୁ ଟାର୍ଗେଟ କରୁଥିବାବେଳେ ଆଜି ପୀଡିତାଙ୍କ ପରିବାରକୁ ଭେଟିଛନ୍ତି ଖୋଦ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହି ଘଟଣାରେ ଆଜି ପୀଡିତାଙ୍କ ପରିବାରକୁ ଭେଟିବା ସହିତ ତାଙ୍କ ସହିତ ଆଲୋଚନା କରିଛନ୍ତି । ଏହା ସହିତ ପୀଡିତାଙ୍କ ପରିବାରକୁ ସରକାର ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବେ ବୋଲି ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ତେବେ ବୁଧବାର ଏହି ସାକ୍ଷାତକାର ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ହଟହଟାର ସମ୍ମୁଖୀନ ହୋଇଥିଲେ । ତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ ଭାଙ୍ଗି ଯାଇଥିଲା, ସେଠାରେ ସେ ଧକ୍କାମୁକ୍କାର ମଧ୍ୟ ସମ୍ମୁଖୀନ ହୋଇଥିଲେ । ତେବେ ୧୦ ଲକ୍ଷ ଟଙ୍କାର ସହାୟତା ସହିତ ଏହି ମାମଲାର ଯାଞ୍ଚ ମାଜିଷ୍ଟ୍ରେଟଙ୍କ ଦ୍ୱାରା କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ତା ସହିତ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଜଣେ ବଡ ଓକିଲ ଲଢିବେ ବୋଲି ମଧ୍ୟ କୁହାଯାଇଛି । ଯାହା ଫଳରେ ଦୋଷୀମାନଙ୍କୁ ଉଚିତ୍ ଶାସ୍ତି ମିଳିପାରିବ । ଦିଲ୍ଲୀରେ ଆଇନ୍ ଶୃଙ୍ଖଳାକୁ କଠୋର କରିବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ରବିବାର ଦିଲ୍ଲୀର କ୍ୟାଣ୍ଟ ଅଞ୍ଚଳରେ ଜଣେ ୯ ବର୍ଷର ଝିଅର ମୃତଦେହ ଠାବ ହୋଇଥିଲା । ଏହାପରେ ପୀଡିତାଙ୍କ ପରିବାର ଲୋକ ଏହି ଘଟଣାକୁ ଦୁଷ୍କର୍ମ ଓ ପରେ ହତ୍ୟା ବୋଲି ଅଭିଯୋଗ କରିଛନ୍ତି । ଦିଲ୍ଲୀ ପୋଲିସ ଏହି ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଏହି ଘଟଣାରେ ପୋକ୍ସ ଆକ୍ଟ ମଧ୍ୟ ଦାୟର କରାଯାଇଛି ।

## କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୬୧୬୮ ହେଲା

ଭୁବନେଶ୍ୱର,୦୪/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୧୬୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୧ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପରି କଟକ ଜିଲ୍ଲାରେ ୧୦ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାରେ ୯ ଜଣ ଓ ମୟୁରଭଂଜ ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ଅନୁଗୁଳ ଜିଲ୍ଲାରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ଯାଜପୁର, ଝାରସୁଗୁଡା ଜିଲ୍ଲାରେ ୩-୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ବେଳେ ଭଦ୍ରକ, ବଲାଙ୍ଗୀର, ନୟାଗଡ ଜିଲ୍ଲାରେ ୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ଢେଙ୍କାନାଳ, ଗଂଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା ଓ ସୁନ୍ଦରଗଡ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ ।

# ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୪/୮ (ନି.ପ୍ର): ସ୍ଥାନୀୟ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ବରିଷ୍ଠ ଉପଦେଷ୍ଟା ସୁବ୍ରତ କର ଯୋଗଦେଇ ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱରରେ ଅବସ୍ଥାନ କାଳରେ ଅସହାୟ ଓ ଅବହେଳିତ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଶ୍ରୀ ସାବତଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟଧାରା ଅନ୍ୟମାନଙ୍କ ପ୍ରେରଣା ହୋଇଛି ବୋଲି ଶ୍ରୀ କର କହିଥିଲେ । ବିଦ୍ୟାଳୟର ଅଧକ୍ଷ ଦିବାକର ସ ଏଥିରେ ପୌରହିତ୍ୱ କରିବା ସହିତ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଉଦାରପଣ ଓ ଶ୍ରଦ୍ଧାଭାବ କେବେ ଭୁଲିହେବ ନାହିଁ ବୋଲି କହିଥିଲେ । ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ସାବତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଅବସର ନେଇଥିଲେ ବି ବିଦ୍ୟାଙ୍ଗଙ୍କ ଉତଥାନ ପାଇଁ ସାରା ଜୀବନ ପ୍ରଚେଷ୍ଟା ଜାରି ରଖିବେ ବୋଲି ସେ କହିଥିଲେ । ଶ୍ରୀ ସାବତଙ୍କ ସହଧର୍ମିଣୀ ମମତା ସାବତ ଏଥିରେ ମଞ୍ଚାସୀନ ଥିଲେ । । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ଅଭିରାମ ସାବତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପବିତ୍ର ମୋହନ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ଚନ୍ଦ୍ରଜିତ ନାୟକ, ମନୋଜ କୁମାର ପଲାଇ, ସଞ୍ଜୀବ କୁମାର ବେହେରା, ଗୌରାଙ୍ଗ ପାତ୍ର ପ୍ରମୁଖ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୪/୮ (ନି.ପ୍ର): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ତଥା ଜାତୀୟ ଦିବସ ପାଳନ କମିଟି ଅଧକ୍ଷ ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧମରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସାମଲ , ଆଗାମୀ ସ୍ୱାଧୀନତା ଦିବସ କୋଭିଡ କଟକଣା ଅନୁପାଳନ ପୂର୍ବକ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ ସ୍ୱାଧୀନତା ଦିବସ ଅବସରରେ ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ପୌରାଂଚଳରେ ପ୍ରତ୍ୟୁଷ ଚାରିଟାରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରଚାର, ସକାଳ ସାଢେ ସାତଟାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନରେ ଜାତୀୟ ପତାକା ଉତୋଳନ ପାଇଁ ଆଲୋଚନା ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତା ଦିବସରେ ମନମୋହନ ସ୍କୁଲ ପଡ଼ିଆଠାରେ ସକାଳ ନ''ଟାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ ଓ ଅଭିବାଦନ ଗ୍ରହଣ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମାତୃମଙ୍ଗଳ କେନ୍ଦ୍ର ଏବଂ ଝାରସୁଗୁଡ଼ା ଉପ କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା, ରକ୍ତଦାନ ଶିବିର ଆୟୋଜନ, ସହରସ୍ଥିତ ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଅନଲାଇନରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ ପାଇଁ ଆଲୋଚନା ହୋଇଥିଲା । ସ୍ୱାଧୀନତା ଦିବସ ଅପରାହ୍ନରେ ପୁଲିସ ଦଳ ମଧରେ ଫୁଟବଲ ମ୍ୟାଚର ଆୟୋଜନ କରାଯିବ । ସ୍ୱାଧୀନତା ଦିବସରେ ମର୍ଯ୍ୟାଦା ସହକାରେ ଜାତୀୟ ପତାକା ଉତୋଳନ ଏବଂ ଅବତରଣ କରିବା ଏବଂ ସଂଧାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଆଲୋକସଜ୍ଜା କରିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଲଙ୍କେଶ୍ୱର ଅମାତ, ଓଏସଏପି ଦ୍ୱିତୀୟ ବାଟାଲିଅନର ଦୁର୍ଗପତି ଆଶିଷ ଦୁବେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଉପ ଜିଲ୍ଲାପାଳ ଶିବ ଟପ୍ପୋ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ଲେଙ୍କା, ତାପସ ରାୟ ଚୌଧୁରୀ, ପ୍ରଫେସର ଟହଲୁ ସାହୁ, ପିଣ୍ଟୁ ପାଢ଼ୀ, ଲାୟନ୍ସ କ୍ଲବ ସଭାପତି ମଧୁମିତା ଶୁଭନୀଲ, ଅଧାପିକା ସ୍ୱର୍ଣ୍ଣମୟୀ ପୁରୋହିତ, ମନ୍ଦାକିନୀ ଶତପଥୀ, ବିଜୟ ବେହେରା, ବାର୍ ଆସୋସିଏସନ ସଭାପତି ତ୍ରିନାଥ ଗୁଆଲ, ସାଧାରଣ ସମ୍ପାଦକ ତୁଳସୀ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଏସଆଇରେ ସଫଳତା ପରେ ସୋନାଲିଙ୍କୁ ଶୁଭେଚ୍ଛା

କୋରେଇ,୪/୮ (ନି.ପ୍ର): ୟୁପିଏସସି ଜିଓଲିଷ୍ଟରେ ପରୀକ୍ଷାରେ (ଜିଏସଆଇ)ରେ ସଫଳତା ଅର୍ଜନ କରିଥିବା ଯାଜପୁର ଜିଲ୍ଲା ପାଣିକୋଇଲି ଅଳତିରି ଗ୍ରାମର ସୋନାଲି ପ୍ରୀୟଦର୍ଶିନୀ ମଲ୍ଲିକଙ୍କ ନିକଟକୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି । ସୋନାଲୀଙ୍କ କୃତୀତ୍ୱ ପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ପକ୍ଷରୁ ଆଜି ତାଙ୍କ ବାସଭବନରେ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଉତୋରତର ଉନ୍ନତି କାମନା କରାଯାଇଛି । ପାଣିକୋଇଲି ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ସରକାରୀ ସ୍କୁଲରୁ ଶିକ୍ଷା ଆରମ୍ଭ କରିଥିଲେ ସୋନାଲି । ପାଣିକୋଇଲି ମା ତାରିଣୀ ବାଳିକା ହାଇସ୍କୁଲ, ପାଣିକୋଇଲି ମହାବିଦ୍ୟାଳୟ ପରେ ରେଭେନ୍ସା ୟୁନିଭରସିଟିରେ ବିଏସି କଲା ପରେ ଧାନବାଦ ଆଇଆଇଟି (ଆଇଏସଏମ)ରେ ଏମଏସି କରିଛନ୍ତି । ୨୦୧୯ ୟୁପିଏସସି ଜିଓଲିଷ୍ଟରେ ପରୀକ୍ଷାରେ (ଜିଏସଆଇ)ରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପଛରେ ଜେଜ କିଶୋର ଚନ୍ଦ୍ର ମଲ୍ଲିକ, ଜେଜେମା ଝରଣା ମଲ୍ଲିକ, ପିତା ଗଣେଷ ମଲ୍ଲିକ ଓ ମାତା, ଭାଇ, ପରିବାର, ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ତାର ଶ୍ରେୟ ଦେଇଛନ୍ତି । ଆମେ ବିପଦରେ ସାଥି ପକ୍ଷରୁ ସୁବାସ ଧଳ, ମନମୋହନ ବାରିକ, ତାରିଣୀ ପଟ୍ଟନାୟକ, ଅଶୋକ ବେହେରା, ଦୋଳଗୋବିନ୍ଦ ସେଠୀ, ଦିବ୍ୟ ରଂଜନ ବେହେରା ଓ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଖୋଲିଲା ସାକ୍ଷୀଗୋପାଳ ମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ

ସାକ୍ଷିଗୋପାଳ,୪/୮ (ନି.ପ୍ର): କୋଭିଡ୍ କଟକଣା ମଧରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଆଜିଠୁ ଖୋଲିଛି ପୁରୀ ଜିଲ୍ଲା ସତ୍ୟବାଦୀ ଅଂଚଳର ପ୍ରସିଦ୍ଧ ସାକ୍ଷିଗୋପାଳ ମନ୍ଦିର । ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ମାନେ କୋଭିଡ୍ କଟକଣାକୁ ଅନୁପାଳନ କରି ମୁହଁରେ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ମନ୍ଦିର ମଧ୍ୟକୁ ପ୍ରବେଶ କରିବା ସହ ସାକ୍ଷି ଗୋପୀନାଥ ଓ ମା ରାଧା ରାଣୀଙ୍କ ଦର୍ଶନ କରୁଛନ୍ତି । ମନ୍ଦିର ମଧକୁ ଭୋଗ ସାମଗ୍ରୀ, ଧୂପ, ଫୁଲ ଆଦି ନେବାକୁ ବାରଣ କରାଯାଇଛି । ସେହିପରି ମନ୍ଦିର ଭିତରେ କୌଣସି ପାର୍ଶ୍ୱ ଦେବାଦେବୀଙ୍କୁ ଛୁଇଁ ପାରିବେ ନାହିଁ ଭକ୍ତ । ଦୀର୍ଘ ଦିନର ବ୍ୟବଧାନ ପରେ ସ୍ଥାନୀୟ ଶ୍ରଦ୍ଧାଳୁ, ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା ଭକ୍ତ ମାନେ ସାକ୍ଷିଗୋପାଳଙ୍କ ଦର୍ଶନ କରି ବେଶ୍ ଖୁସି ଜାହିର୍ କରିଛନ୍ତି । ପ୍ରଶାସନିକ ନିର୍ଦ୍ଦେଶ ପ୍ରକାରେ ପ୍ରତିଦିନ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିବ । ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ଅନୁଯାୟୀ, ଦ୍ୱାରଫିଟା, ମଙ୍ଗଳ ଆଳତୀ, ମର୍ଦ୍ଦନ, ଅବକାଶ ଓ ବେଶ ପୂର୍ବାହ୍ନ ୯ଟା ସୁଦ୍ଧା ସମ୍ପନ୍ନ ହୋଇଛି । ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ ଆଦି ନୀତି ସମ୍ପନ୍ନ ହୋଇଛି । କୋଭିଡ୍ କଟକଣାକୁ ଅନୁପାଳନ କରି ସେବାୟତ ମାନେ ସେବା ପୂଜା ଜାରୀ ରଖିଛନ୍ତି । ଅନ୍ୟପକ୍ଷରେ ମନ୍ଦିର ଖୋଲିବା ପରେ ସେବାୟତ, ସ୍ଥାନୀୟ ବ୍ୟବସାୟୀ ଓ ମନ୍ଦିର ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଲୋକେ ଆଶ୍ୱସ୍ତ ହୋଇଛନ୍ତି ।

ଏହା ବ୍ୟତୀତ ବରାଳ ଗ୍ରାମ ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର, ବୀରଗୋବିନ୍ଦପୁର ସ୍ଥିତ ପ୍ରସିଦ୍ଧ ମା ଦକ୍ଷିଣକାଳୀ ମନ୍ଦିର ଏବଂ ବ୍ଲକ୍ ଛକ ସ୍ଥିତ ବାଟ ମହାବୀର ମନ୍ଦିର ମଧ ଆଜି ଠାରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଖୋଲିଛି ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୪/୮ (ନି.ପ୍ର): ରାଜ୍ୟ ସରକାର ନବମ, ଦଶମ ଏବଂ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ପିଲାମାନେ ବିଦ୍ୟାଳୟକୁ ଆସି ପାଠ ପଢ଼ିବାକୁ ଅନୁମତି ମିଳିଛି । ହେଲେ ବିଦ୍ୟାଳୟ ଗୁଡ଼ିକରେ ସଠିକ୍ ଭାବେ କୋଭିଡ୍ କଟକଣା ନିୟମ ପାଳନ କରୁଛନ୍ତି କି ନାହିଁ ସେନେଇ ମଙ୍ଗଳବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏବଂ ଆୟୋଗର ସଭ୍ୟା ଦିବ୍ୟା ଶାଶ୍ୱତୀ ପ୍ରମୁଖ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରିଛନ୍ତି । ତେବେ ସଦର ମହକୁମାରେ ପହଂଚି ପ୍ରଥମେ ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟ, ନବଦୋୟ ବିଦ୍ୟାଳୟ, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଏବଂ ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ସରକାରଙ୍କ କୋଭିଡ୍ ନିୟମ ଯଥା ପିଲାମାନଙ୍କ ମଧରେ ସାମାଜିକ ଦୂରତା, ସ୍ୱଚ୍ଛତା, ପିଇବା ପାଣି ଇତ୍ୟାଦି ଠିକ୍ ଭାବରେ ପାଳନ କରୁଛନ୍ତି କି ନାହିଁ ତାହା ଉପରେ ତଦାରଖ କରିଥିଲେ । ବିଦ୍ୟାଳୟ କାନ୍ଥରେ ବିଭିନ୍ନ ଜରୁରୀକାଳୀନ ସେବା ନମ୍ବର ଯଥା ଚାଇଲ୍ଡ ହେଲ୍ପ ଲାଇନ୍, ପୋଲିସ୍, ଫାୟାର ଷ୍ଟେସନ ଇତ୍ୟାଦି ଲେଖିବା ପାଇଁ ପରାମର୍ଶ ଦେଇଥିଲେ । ଶିଶୁ ଅଧିକାର, ବାଲ୍ୟ ବିବାହ ନିଷେଧ ଆଇନ୍ ଏବଂ ଶିଶୁ ଯୌନ ନିର୍ଯାତନା ଏବଂ ସୁରକ୍ଷା ଆଇନ୍ ସମ୍ବନ୍ଧରେ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ ।

# ଗୋଛାପଡା ଥାନା ଅଂଚଳରେ କାର ସମେତ ୪୭ କିଗ୍ରା ଗଞ୍ଜେଇ ଜବତ ଜଣେ ଗିରଫ

କନ୍ଧମାଳ ,୪/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ପୋଲିସ ପାଟ୍ରୋଲିଙ୍ଗ ବେଳେ ଏକ କାର ଭିତରୁ ୪୭ କଗ୍ରା ୨୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଏହି ସଂକ୍ରାନ୍ତରେ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିଛି । ସୂଚନା ଅନୁସାରେ ଗୋଛାପଡା ଥାନା ଅଂଚଳରେ ପୋଲିସ ନିୟମିତ ପାଟ୍ରୋଲିଙ୍ଗ କରୁଥିବା ବେଳେ ସେହି ଅଂଚଳର ମୁଣ୍ଡାସହି ନିକଟରେ ଏକ ଇଣ୍ଡିଗୋ କାର (ଓଆର ୦୨-ଏଏନ-୩୯୪୦)କୁ ତଲାସି ନେବାବେଳକୁ ସେଥିରୁ ପୋଲିସ ଗୋଟିଏ ବସ୍ତାରେ ୪୭ କିଗ୍ରା ୨୫୦ ଗ୍ରାମ ଗଞ୍ଜେଇ ଥିବା ଦେଖିଥିଲା । ପୋଲିସ ଏହି ଗଞ୍ଜେଇ ସମେତ ଏହି ଗଞ୍ଜେଇକୁ ଫୁଲବାଣୀ ପଟକୁ ନେଇଉଥିବା ଗୋଛାପଡା ଥାନା ଅଂଚଳର ମୁଣ୍ଡାସାହି ଅଂଚଳର ଦିଲ୍ଲିପ କୁମାର ଦିଗାଲ(୩୫)କୁ ଗିରଫ କରିଛି । ଏହି ସଂକ୍ରାନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୬୦/୨୧ ରୁଜୁ କରିବା ସହିତ ଅଭିଯୁକ୍ତ ଦିଲ୍ଲିପ ଆଜି କୋର୍ଟ ଚାଲାଣ କରିଥିବା ନେଇ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

# ଓଏସ୍ଏସ୍ସି ଦୁର୍ନୀତି ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡ଼,୪/୮ (ନି.ପ୍ର): ଓଡିଶା ଷ୍ଟାଫ ସିଲେକସନ କମିଶନ କର୍ମଚାରୀଙ୍କ ମହା ଦୁର୍ନିତି ପ୍ରତିବାଦରେ କେନ୍ଦ୍ରାପଡା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ପରୱେଜ ଅଖତରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମକର୍ତା ମାନେ ଉଦ୍ଧୁ ଲାଇବ୍ରେରୀ ନିକଟରୁ ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ତତ୍ୱାବଧାନରେ ଏହି ଦୁର୍ନିତିର ତଦନ୍ତ କରି ଲୋକ ଲୋଚନକୁ ଆଣିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ନୂଆପଡା ଜିଲ୍ଲା ନିର୍ମାଣ ଶ୍ରମିକ ଟ୍ରେଡ଼ ୟୁନିଅନ ମାନଙ୍କ ଜରୁରୀ ବୈଠକ

ନୂଆପଡ଼ା,୪/୮ (ନି.ପ୍ର): ଜି ଖଡ଼ିଆଳ ବସଷ୍ଟେଣ୍ଡ ନିକଟସ୍ଥ କଲ୍ୟାଣ ମଣ୍ଡପରେ ନୂଆପଡା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ କାମ କରୁଥିବା ଜିଲ୍ଲାର ପ୍ରମୁଖ ଶ୍ରମିକ ସଂଗଠନ ମାନଙ୍କର ପ୍ରମୁଖ ନେତୃତ୍ୱ ଓ କର୍ମକର୍ତା ମାନଙ୍କ ଏକ ଜରୁରୀ ବୈଠକ ବିଶିଷ୍ଟ କୃଷକ ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଚାଷୀ ମୂଲିଆ ଶ୍ରମିକ ସଂଗଠନର ନେତା କେଶବ ବେହେରା, ଭାରତୀୟ ମଜଦୂର ସଂଘର ସଭାପତି ଶୁକ୍ଳାମ୍ବର ନିଆଲ, ଆମ୍ବେଦକର ଶ୍ରମିକ ଅଧିକାର ମଞ୍ଚର ଘନଶ୍ୟାମ ଭିତରିଆ, ଇଣ୍ଡିଆନ ନେସନାଲ ଟ୍ରେଡ଼ ୟୁନିଅନ କଂଗ୍ରେସର ମୁରଲୀ ତାଣ୍ଡି, ନୂଆପଡା ଜିଲ୍ଲା ଶ୍ରମିକ ବିକାଶ ସଂଘରୁ ସଭାପତି ଅନିରୁଦ୍ଧ ନାଗ, ଏନଏଫଆଇଟିୟୁର ଭକ୍ତ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ରୂପେ ସାମିଲ ହୋଇ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତି, ପ୍ରିୟପ୍ରିତି ତୋଷଣ, ଅବ୍ୟବସ୍ଥା, ଅବହେଳା, ଅନ୍ୟାୟ ଓ ଅଫିସିଆଲ କାର୍ଯ୍ୟରେ ଅହେତୁକ ବିଳମ୍ବ, ଅଧିକାରୀ ଓ କର୍ମଚାରୀ ମରୁଡି ବିରୁଦ୍ଧରେ ସମସ୍ତ ବକ୍ତା ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ଶ୍ରମ କାର୍ଯ୍ୟାଳୟରେ ଟ୍ରେଡ଼ ୟୁନିଅନ ଗୁଡିକର ମର୍ଯ୍ୟାଦା, ଦାୟିତ୍ୱ ଓ ଅଧିକାର ଉପରେ ହସ୍ତକ୍ଷେ କୁ ସମସ୍ତେ ନିନ୍ଦା କରିଥିଲେ । ଶ୍ରମିକ ସମସ୍ୟ ବହୁଳ ଦାଦନ ପ୍ରବଣ ନୂଆପଡା ଜିଲ୍ଲାରେ ସମସ୍ତ ପ୍ରବାସୀ ଓ ନିର୍ମାଣ ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା, ଉଚିତ ନ୍ୟାୟ ,ସରକାରୀ ସୁବିଧା ପହଞ୍ଚାଇବା ତଥା ଦୁର୍ନୀତି ଓ ଶୋଷଣରୁ ରକ୍ଷା କରିବା ପାଇଁ ସମସ୍ତ ଟ୍ରେଡ଼ ୟୁନିଅନ ଏକଜୁଟ ହୋଇ ମହାସଙ୍ଘ ଗଠନ କରି ଲଢ଼ିବାକୁ ସମସ୍ତ ନେତା ସହମତି ହୋଇ ସ୍ୱର୍ବସମ୍ମତି ନିଷ୍ପତି ନେଇଥିଲେ । ଫେଡରେସନ ଗଠନ ପାଇଁ ଅତିଶୀଘ୍ର ପଦକ୍ଷେପ ନେବାକୁ ତଥା ସମସ୍ତଙ୍କୁ ସାମିଲ କରି ବୈଠକ ଡାକିବା ପାଇଁ ଏଚ.ଏମ.ଏସ. ନେତା ଯଦୁମଣି ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆଗଲା । ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ତୁରନ୍ତ ହେଡକ୍ୱାର୍ଟରକୁ ସ୍ଥାନାନ୍ତର, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଓ ଅଧିକାରୀ ପୂରଣ, କାର୍ଯ୍ୟାଳୟରେ ଦୀର୍ଘ ଦିନରୁ ଗଛିତ ଥିବା ସମସ୍ତ ସହାୟତା ଦରଖାସ୍ତକୁ ତୁରନ୍ତ ମଞ୍ଜୁର କରିବା, କୋଭିଡ ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ଇତ୍ୟାଦି ଦାବିକୁ ତୁରନ୍ତ ସରକାର ପୂରଣ କରନ୍ତୁ ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଗଲା । ଏହି ବୈଠକରେ ଅନ୍ୟମାନଙ୍କ ମଧରେ ସ୍ୱ ଜ୍ଞାନେଶ୍ୱର ବାଗ, ପୁଷ୍ତମ ମଶ୍ରା, ପରମାନନ୍ଦ ହାଶ, ଚୈତନ୍ୟ ତାଣ୍ଡି, ନରେଶ ତାଣ୍ଡି, ଗଦାଧର ବେହେରା, ଦ୍ୱେସିଂ ମାଝୀ, ଧନେଶ୍ୱର ବନଛୋର, ଦେବ ନାଗ, ଜ୍ଞାନରଞ୍ଜନ ସାହୁ, ଭାରତ ମାଝୀ, ଗୌରୀ ତାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ ।

# ଅଳିଆ ଆବର୍ଜନା କୁଣ୍ଡ ଭର୍ତ୍ତି ପରେ ଫିଙ୍ଗା ଯାଉନଥିବା ଅଭିଯୋଗ

ନୂଆପଡ଼ା,୪/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ବ୍ଲକ କାର୍ଯ୍ୟଳୟ ପଛପଟ କୁ ଲାଗିରହିଛି ଫକଟପଡା । ସହର ପାଖକୁ ଲାଗି ରହିଥିଲେ ମଧ ଏହି ଫକଟପଡା ଟି ଗଡ୍ରରାମୁଣ୍ଡା ପଂଚାୟତ ଅଧୀନରେ ରହିଛି । ଫକଟପଡା ର ଉପର ପଟ ରେ ଅଳିଆ ଆବର୍ଜନା ପକାଇବା ପାଇଁ ତିନି ଗୋଟି କୁଣ୍ଡ ରଖାଯାଇଛି । ଏହି କୁଣ୍ଡର ଉପର ମୁଣ୍ଡ ରେ ରହୁଥିବା ଫକଟପଡା ବାସୀ ଅଳିଆ ଆବର୍ଜନା ପକାଇଥାନ୍ତି । କିନ୍ତୁ କିଛିଦିନ ହେଲା ଅକିଆ ଆବର୍ଜନା ପକାଯାଉଥିବା ତିନି ଗୋଟି କୁଣ୍ଡ ଭର୍ତି ହୋଇଯାଇଛି । ଏବେ ଲୋକମାନେ ଅକିଆ ଆବର୍ଜନା କୁଣ୍ଡ ରେ ଆଉ ସ୍ଥାନ ନ ଥିବାରୁ ତଳେ ପକାଇବା ପାଇ ବାଧ ହେଉଛନ୍ତି । ଯାହାଫଳରେ ତଳେ ପଡିଥିବା ଅଳିଆ ଆବର୍ଜନା କୁ ଗାଈଗୋରୁ ଙ୍କ ସମେତ କୁକୁର ଦଳ ମାନେ ବାହାର କରି ଏଣେତେଣେ ଫିଙ୍ଗି ଦେଉଥିବାରୁ ପଡାରେ ଦୁର୍ଗନ୍ଧ ବାହାରୁଛି । ଏବିଷୟରେ ପଂଚାୟତ କୁ କହିଲେ ମଧ ପଂଚାୟତ କର୍ମକର୍ତ୍ତା କେହି ଶୁଣୁନଥିବା ପଡାବାସି ଅଭିଯୋଗ କରିଛନ୍ତି । ଏବିଷୟରେ ଖଡ଼ିଆଳ ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ଙ୍କୁ ଯୋଗାଯୋଗ କରିବାରୁ ମୁ ପିଇଓ ଙ୍କ ସହିତ କଥା ହେଉଛି ଓ ଅଳିଆ ଆବର୍ଜନା ଫିଙ୍ଗିବାର ବ୍ୟବସ୍ଥା କରିବା ପାଇଁ କହୁଛି ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମଙ୍ଗଳପୁର ପୁଲିସର ଦାଦାଗିରି : ନିର୍ଯ୍ୟାତୀତ ପରିବାର ଏସପିଙ୍କୁ ଭେଟିଲେ

କୋରେଇ,୪/୮ (ନି.ପ୍ର): ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଯଇନ୍ତରା ବ୍ରାହ୍ମଣକୂଳ ଗ୍ରାମର କାଳନ୍ଦୀ ସେଠୀଙ୍କ ସ୍ତ୍ରୀ ବାସନ୍ତୀ ଓ ବିକାଶ ସେଠୀଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କ ଅଭିଯୋଗ ମୁତାବକ ଗତ ଜୁଲାଇ ୧୯ ତାରିଖ ଦେଓପଡା ଗ୍ରାମର ମହେନ୍ଦ୍ର କୁମାର ମହାନ୍ତିଙ୍କ ଝିଅ ଶୁଭଶ୍ରୀ ବଜାରକୁ ଆସି ନିଖୋଜ ହୋଇଥିଲା । ଏନେଇ ଆମ୍ଭ ପୁଅ ତାକୁ ନେଇ ପଳାଇଥିବା ସନ୍ଦେହ କରି ଆମ୍ଭ ପରିବାର ସହ ସେମାନେ ଯୋଗାଯୋଗ କରିଥିଲେ । ଏ ବିଷୟରେ ତାଙ୍କ ପରିବାର କିଛି ଜାଣିନଥିବା ପ୍ରକାଶ କରିଥିଲେ । ପରେ ମଙ୍ଗଳପୁର ଥାନା ପକ୍ଷରୁ ପୁଅ ଝିଅଙ୍କୁ ଖୋଜିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ପୁଅ ଓ ଝିଅଙ୍କୁ ଉଭୟେ ଖୋଜୁଥିଲେ । ହେଲେ ଗତ ୧ ତାରିଖ ରାତ୍ରୀରେ ହଠାତ୍ ଶୁଭଶ୍ରୀର ଭାଇ ସତ୍ୟଜିତ୍ ଯେକି ଓଡିଶା ପୁଲିସର ଭୁବନେଶ୍ୱରେ କାର୍ଯ୍ୟରତ ରାତ୍ର ଦେଢଟା ସମୟରେ ମଙ୍ଗଳପୁର ପୁଲିସ ସହାୟତାରେ ବାସନ୍ତୀଙ୍କ ଘରେ ଶାବଳ ଯୋଗେ କବାଟ ଭାଙ୍ଗି ପଶିଥିଲେ । ଘରେ କେହି ପୁରୁଷ ଲୋକ ନଥିବା ଅବସ୍ଥାରେ କିଛି ଦୋଷ ନଥାଇ ସେମାନଙ୍କୁ ଧମକ ଚମକ ଦେବା ସହ ସ୍ତ୍ରୀ ଲୋକ ମାନଙ୍କୁ ଧକ୍କା ମାରିବା ଓ ଜାତିକୁ ନେଇ ଗାଳିଗୁଲଜ କରିଥିଲେ । ପୁଅ ଝିଅ କୁଆଡେ ଗଲେ ଆଣି ଦିଅ ବୋଲି ଧମକ ଦେଇଥିଲେ । ପୁଅ ଝିଅ ସାବାଳକ ହୋଇ ପଳାଇଥିବା ବେଳେ ସେମାନଙ୍କୁ ନଖୋଜି ପରିବାର ଉପରେ ଅକ୍ରୋଶମୂଳକ ଆକ୍ରମଣ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ସନ୍ଧ୍ୟାରାଣୀ । ଅପରପକ୍ଷେ ଗତ ଦୁଇ ତାରିଖ ସନ୍ଧ୍ୟାର ସ୍ୱାମୀ ବିକାଶ ଭୁବନେଶ୍ୱର ଯାଉଥିବା ବେଳେ କେତେକ ଦୃର୍ବତ ପାଣିକୋଇଲି ଠାରେ ତାଙ୍କୁ ମାଡମାରି ବାଇକ୍ ଓ ମୋବାଇଲ ଛଡାଇ ଅପହରଣ କରିବା ସମୟରେ ପାଣିକୋଇଲି ପୁଲିସ ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ପୁଲିସ ଜିମା ଦେଇଛି । କିନ୍ତୁ ମଙ୍ଗଳପୁର ପୁଲିସ ଦୃର୍ବୃତ ମାନଙ୍କୁ ଛାଡି ଦେଇ ବିକାଶକୁ ଥାନାରେ ଅଟକ ରଖିଛି । ଏହାର ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି ପତ୍ନୀ ସନ୍ଧ୍ୟାରାଣୀ ।

# ସେନା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ : ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଧର୍ମଶାଳା,୪/୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅଂଚଳରେ ଜଣେ ସେନା ଅଧିକାରୀଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ଧର୍ମଶାଳା ଥାନା ଅନ୍ତର୍ଗତ ବନ୍ଧଡିହ-ଜନକ ମୁଖ୍ୟରାସ୍ତା ରାୟଧରାପୁର ନିକଟସ୍ଥ ବରଡା ଛକ ନିକଟରୁ ତାଙ୍କ ଶବ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ଗ୍ରାମର ମହେଶ୍ୱର ଜେନାସାମନ୍ତଙ୍କ ପୁଅ ଜିତେନ୍ଦ୍ର ମୋହନ (୩୮) ଓରଫ ଜିତୁ । ଆଜି ସକାଳୁ ବରଡା ଛକ ନିକଟରେ ବାଇକ୍ ସହ ରାସ୍ତା କଡ କ୍ଷେତରେ ପାଣିରେ ମୁହଁ ମାଡିଥିବା ଅବସ୍ଥାରେ ପଡିରହିଥିଲା ତାଙ୍କ ମୃତଦେହ । ସକାଳେ ପ୍ରାତଃଭ୍ରମଣ ସମୟରେ ସ୍ଥାନୀୟ ଲୋକେ ଏହା ଦେଖି ବ୍ରହ୍ମବରଦା ପୁଲିସକୁ ଖବର ଦେଇଥିଲେ । ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ସଦଳ ବଳେ ଘଟଣାସ୍ଥଳରେ ପଂହଚି ପାଣିରୁ ମୃତଦେହ ସହ ବାଇକ୍ ନଂ (ଓଡି୦୪ଏଚ୪୮୦୧)କୁ ଉଦ୍ଧାର କରି ରାସ୍ତା ଉପରକୁ ଆଣିଥିଲେ । ପ୍ୟାଂଟ ପକେଟରୁ ୩ଟି ମୋବାଇଲ ଓ ମନିପର୍ସକୁ ପୁଲିସ ଜବତ କରିବା ପରେ ମୃତଦେହଟି ଜନକ ଗ୍ରାମର ଜିତେନ୍ଦ୍ରଙ୍କର ବୋଲି ଜଣାପଡିଥିଲା । ପରିବାର ଲୋକେ ଏଭଳି ମୃତ୍ୟୁ ଘଟଣାକୁ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ । ଅଧିକ ତଦନ୍ତ ପାଇଁ ସାଇଂଟିଫିକ୍ ଦଳ ଓ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଘଟଣାସ୍ଥଳରେ ପହଂଚି ଥିଲେ । ମରିପଡିଥିବା ସ୍ଥାନରୁ ପାଣି ସହ ମୃତ ଜିତେନ୍ଦ୍ରଙ୍କ ନାକରୁ ବାହାରୁଥିବା ରକ୍ତ ସାମ୍ପୁଲ ସଂଗ୍ରହ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିବା ଜଣାପଡିଛି । ଏନେଇ ଧର୍ମଶାଳା ଥାନା ପୋଲିସ କେସ୍ ନଂ ୪୦୯/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି । ୧୫ ବର୍ଷ ପୂର୍ବେ ମୃତ ଜିତେନ୍ଦ୍ର ସେନା ବାହିନୀରେ ଯୋଗ ଦେଇଥିଲେ । ତେବେ ସେ ତିନି ଦିନ ପୂର୍ବେ ଘରକୁ ଆସିଥିଲେ । ଗତକାଲି ଜିତେନ୍ଦ୍ର ଏବଂ ତାଙ୍କ ବାପା ମହେଶ୍ୱର ଦୁହେଁ ହିରୋ ବାଇକ୍ ଯୋଗେ କଟକ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ । ଘରୁ ବ୍ରହ୍ମବରଦା ବଜାରକୁ ଯିବାକୁ କହି ଜିତେନ୍ଦ୍ର ଆସିଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କ ସହ ମୋବାଇଲରେ ଯୋଗାଯୋଗ କରିଥିଲେ । ଏବଂ ଘରକୁ ଯିବା ବିଳମ୍ବ ହେବ ବୋଲି କହିଥିଲେ ଜିତେନ୍ଦ୍ର । ହେଲେ ରାତି ବହୁ ବିଳମ୍ବ ହେବାରୁ ଘର ଲୋକେ ପୁର୍ନବାର ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ । ହେଲେ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା । ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ମଧ ଜିତେନ୍ଦ୍ରଙ୍କ କୌଣସି ସନ୍ଧାନ ପାଇପାରି ନଥିଲେ । ତେବେ ଆଜି ପାହାନ୍ତାରେ ସ୍ଥାନୀୟ ଲୋକେ ମର୍ଣ୍ଣୱାର୍କ କରୁଥିବା ସମୟରେ ରାୟଧରାପୁର ନିକଟସ୍ଥ ବରଡାଛକ ନିକଟରେ ରାସ୍ତା କଡରେ ମୃତଦେହ ସହ ବାଇକ୍ ପଡିଥିବା ଦେଖିବାକୁ ପାଇ ବ୍ରହ୍ମବରଦା ପୁଲିସକୁ ଖବର ଦେଇଥିଲେ । ସେଠାରେ ମୃତଦେହ ଉଦ୍ଧାର ପରେ ତାହା ଜିତେନ୍ଦ୍ରଙ୍କ ମରଶରୀର ବୋଲି ଜଣାପଡିଥିଲା । ତେବେ ଏଭଳି ମୃତ୍ୟୁ ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି । ପରିବାରକୁ ନ୍ୟାୟ ଦେବାକୁ ମୃତ ଜିତେନ୍ଦ୍ରଙ୍କ ପିତା ମହେଶ୍ୱର ପୁଲିସ ନିକଟରେ ଦାବି କରିଛନ୍ତି ।

# ଜିଲାସ୍ତରୀୟ ସୁନାମୀ ପ୍ରସ୍ତୁତି ଯୋଜନା କର୍ମଶାଳା

ବାଲେଶ୍ୱର,୪/୮ (ନି.ପ୍ର): ଜିଲ୍ଲାସ୍ତରୀୟ ସୁନାମୀ ପ୍ରସ୍ତୁତି ଯୋଜନା ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଏଥିରେ ଅଧ୍ୟକ୍ଷତା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଆଇଏଏସ ପ୍ରୋବେସନର କୁନାଲ ଚୌହାନ, ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ, ଓସଡାମା ସିଷ୍ଟମ ଏକ୍ସପର୍ଟ ଅରବିନ୍ଦ ରାୟଙ୍କ ସମେତ ଜିଲାର ୫ଟି ଉପକୂଳବର୍ତ୍ତୀ ବ୍ଲକର ବିଡିଓ, ନୋଡାଲ ଏନଜିଓ କର୍ମକର୍ତ୍ତା, ଅଗ୍ନିଶମ ଏବଂ ଓଡ୍ରାଫ ଅଧିକାରୀ ପ୍ରମୁଖ ଏହି କର୍ମଶାଳାରେ ଯୋଗ ଦେଇ ସୁନାମୀ ପ୍ରସ୍ତୁତି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବାଲେଶ୍ୱର ଏକ ତଟବର୍ତ୍ତୀ ଜିଲା ହୋଇଥିବା ବେଳେ ଏହାର ୫ଗୋଟି ବ୍ଲକ ଅନ୍ତର୍ଗତ ୬୩ଟି ଗ୍ରାମକୁ ସୁନାମି ପ୍ରବଣ ଗ୍ରାମ ଭାବେ ଚିହ୍ନିତ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ସୁନାମୀ ପ୍ରବଣ ଗାଁ'ଗୁଡିକରେ ଏହି ପ୍ରସ୍ତୁତି ଯୋଜନା ବା ଖସଡ଼ା ପ୍ରସ୍ତୁତ କରାଯିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ଓସଡାମା ବିଶେଷଜ୍ଞ ଅରବିନ୍ଦ ରାୟ ଏହି କର୍ମଶାଳାରେ ସୁନାମୀ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ଦୃଶ୍ୟଶ୍ରାବ୍ୟ ଫଳକ ମାଧ୍ୟମରେ ତଥ୍ୟଭିତିକ ଉପସ୍ଥାପନା ରଖିଥିଲେ । ଏହି ସୁନାମୀ ପ୍ରସ୍ତୁତି ଯୋଜନାକୁ ଆଇ.ଓ.ସି / ୟୁନେସ୍କୋ ଦ୍ୱାରା ନିର୍ଦ୍ଧାରିତ ମାନକ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଏମ.ଡି., ଓସଡାମାଙ୍କର ନିର୍ଦ୍ଦେଶ ଥିବା ବୈଠକରେ ସୂଚନା ଦିଆଯାଇଥିଲା । ଶେଷରେ ଓସଡାମା ଜିଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦେଶ ବିଦେଶର ଜଣାଅଜଣା

# ବିବିଧ ବିଶ୍ୱ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର,୫ ଅଗଷ୍ଟ ୨୦୨୧

## କେଶ ପାଇଁ ଚାଉଳପାଣି




ଚାଉଳ ଧୋଇବା ପରେ ପାଣିକୁ ଆମେ ଅଦରକାରୀ ଭାବି ଫୋପାଡ଼ି ଦେଉ । କିନ୍ତୁ ଚାଉଳର ପାଣି ଶରୀର ଓ କେଶ ପାଇଁ ଖୁବ୍ ହିତକାରୀ ହୋଇଥାଏ । ଯଦି ସୁନ୍ଦର ଓ ଘନ କେଶ ଆପରଙ୍କୁ ଦରକାର ତେବେ ଚାଉଳ ପାଣିର ଉପଯୁକ୍ତ ବ୍ୟବହାର କରନ୍ତୁ । ତେବେ ଜାଣନ୍ତୁ ଚାଉଳ ପାଣିର ଉପକାରୀ ଗୁଣ-

**କେଶ ଝଡୁଥିଲେ -**

ଯଦି କେଶ ବାରମ୍ବାର ଝଡୁଛି କିମ୍ବା ଉପୁଡୁଛି ତେବେ ଚାଉଳ ପାଣି ମୁଣ୍ଡକୁ ମାଲିସ୍ କରନ୍ତୁ । ଦୁର୍ବଳ ଚର୍ମ ହେତୁ କେଶ ଝଡ଼ିବା ଆରମ୍ଭ କରିଥାଏ ତେଣୁ ଚାଉଳ ପାଣି ବ୍ୟବହାର କଲେ ଏମିନୋ ଏସିଡ୍, ଭିଟାମିନ୍, ମିନେରାଲସ ଆଦି ପ୍ରଚୁର ପରିମାଣରେ କେଶ ଉପୁଡ଼ିବାରୁ ରକ୍ଷା କରିଥାଏ । ଅଧିକ ପୋଷଣ ପାଇଁ ସେଥିରେ ଆଲମଣ୍ଡ, ଗୋଲାପ ଜଳ, ଲାଭେଣ୍ଡର କିମ୍ବା ଚାହା ଗଛର ତୈଳକୁ ମିଶାଇପାରିବେ ।

**କେଶ ରୁଖା ହୋଇଗଲେ-**

କର୍ମମୟ ଜୀବନରେ ମାତ୍ରାଧିକ ପ୍ରଦୂଷଣ ରହିଥାଏ । ତେଣୁ ଚର୍ମ କୋଷ ଗୁଡ଼ିକ ମୃତ ହୋଇଯାଆନ୍ତି । ଆଉ ଶାମ୍ପୁ, କଣ୍ଡିଶନର, କୃତ୍ରିମ ତୈଳ କେଶର ଚମକକୁ ନଷ୍ଟ କରିଦିଏ । ଚାଉଳ ପାଣିରେ ମୁଣ୍ଡର ଚମଡାକୁ ମାଲିସ୍ କରିବା ଦ୍ୱାରା କେଶର ଚମକ ଫେରିଆସିଥାଏ ।

**ରୁପି ସମସ୍ୟା-**

ଯଦି ରୁପି ସମସ୍ୟା ରହିଛି ତେବେ ଚାଉଳ ପାଣି ବ୍ୟବହାର କରିବା ଫଳଦାୟୀ ହୋଇଥାଏ । ରୁପି ଥିବା ଚର୍ମକୁ ଚାଉଳ ପାଣିରେ ଅଳ୍ପ ରିଠାଫଳ ପାଉଡର ମିଶାଇ ଲଗାଇଲେ ରୁପି ମାତ୍ରା କମିଯାଏ । ଯଦି ପ୍ରଦୂଷଣ ପାଇଁ କେଶ ନଷ୍ଟ ହେଉଛି ତେବେ ଛୋଟ ପିଆଜକୁ ନଡ଼ିଆ ତେଲରେ ଫୁଟାଇ କେଶରେ ଲଗାନ୍ତୁ । ପରେ ବେସନ ଓ ଚାଉଳ ପାଣି ମିଶ୍ରଣରେ ଧୋଇଦିଅନ୍ତୁ ।

**ନରମ କେଶ-**

ଶାମ୍ପୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କେଶ ସିଲ୍କ ଓ ସଫ୍ଟ ହେବା ପରିବର୍ତ୍ତେ ଦୁର୍ବଳ ହୋଇଯାଏ । ଚାଉଳପାଣି ମଧ୍ୟ ଶାମ୍ପୁ ପରି କାର୍ଯ୍ୟ କରିଥାଏ । ଚାଉଳପାଣିରେ ରିଠା ଫଳ, ଅଁଳା କିମ୍ବା କମଳା ଚେପା ଛଡ଼ାଇ ଲଗାଇବା ଦ୍ୱାରା ଶାମ୍ପୁ କିମ୍ବା କଣ୍ଡିଶନର ବ୍ୟବହାର କରିବା ଆବଶ୍ୟକ ନାହିଁ । କେଶ ମଜବୁତ ହେବା ସହ ଚମକ ମଧ୍ୟ ଫେରିଆସିଥାଏ ।

**କେଶର ଯତ୍ନ-**

ଯଦି ସୁନ୍ଦର କେଶ ପାଇଁ ଖୁବ୍ ଯତ୍ନବାନ ତେବେ ଚାଉଳ ଧୁଆ ପାଣି ସହ ଚାଉଳ ବଟା ପ୍ରସ୍ତୁତ କରନ୍ତୁ । ସେହି ଚାଉଳ ବଟାରେ ୨-୩ଟି ବଡ଼ ଚାମଚ ମହୁ ମିଶାନ୍ତୁ । ମିଶ୍ରଣଟି ଭଲଭାବେ ଚର୍ମରେ ଲଗାନ୍ତୁ । ସେହିପରି ୫-୧୦ ମିନିଟ ଛାଡ଼ିଦେଇ ଧୋଇଦିଅନ୍ତୁ । ଏହା ଏକ ମ୍ୟାଜିକ୍ ରୂପେ କାର୍ଯ୍ୟ କରିଥାଏ ।

## ଶିଶୁଙ୍କ ପାଚନ ସମସ୍ୟା



ଖାଦ୍ୟ କିମ୍ବା ପାନୀୟକୁ ଠିକ୍ ଭାବରେ ହଜମ କରିନପାରିଲେ ପିଲାଏ ବାନ୍ତି କରିଥାନ୍ତି । ପେଟରେ ଗ୍ୟାସ୍ ହେବା କାରଣରୁ ସେମାନଙ୍କ ଛାତି ଜଳାପୋଡ଼ା ହୋଇଥାଏ । ଏଭଳି କ୍ଷେତ୍ରରେ ଅଧିକ ଦିନ ଘରୋଇ ଚିକିତ୍ସା ନ କରି ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଅନେକ ସମୟରେ ଛୋଟ ଛୋଟ ପିଲାଙ୍କୁ କ୍ଷୀର ପିଆଇବା ପରେ କିମ୍ବା ଖାଦ୍ୟ ଖୁଆଇ ସାରିବା ପରେ ପିଲାଟି ବାନ୍ତି କରିପକାଏ । ପିଲାଟି ଏଭଳି କରିବା ପଛର କାରଣ ପାଚନ ବା ହଜମ ସମସ୍ୟା ସହିତ ଜଡ଼ିତ ହୋଇପାରେ । ଖାଦ୍ୟକୁ ଠିକ ଭାବରେ ହଜମ କରିବାର କ୍ଷମତା କମ କାରଣରୁ ପିଲାଟି ଅନେକ ସମୟରେ ବାନ୍ତି କରିଦେଇଥାଏ । ଅସଲ କଥା ହେଉଛି ପିଲାଙ୍କ ପାଚନତନ୍ତ୍ର ଦୁର୍ବଳ ହୋଇଯାଏ ଓ ଏହି କାରଣରୁ ପିଲାଟି ଗରିଷ୍ଠ ଖାଦ୍ୟକୁ ସହଜରେ ହଜମ କରିପାରେ ନାହିଁ । ଏହା ବ୍ୟତୀତ ଶିଶୁମାନେ ସାଧାରଣତଃ ମଇଦାରୁ ପ୍ରସ୍ତୁତ ଖାଦ୍ୟ, ସୋଡ଼ା, ଚକୋଲେଟ୍ ଇତ୍ୟାଦି ଜିନିଷ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏସବୁ ଖାଦ୍ୟ ପିଲାଙ୍କ ପାଚନ ଶକ୍ତି କମ କରିଦେଇଥାନ୍ତି । ଶିଶୁମାନଙ୍କର ପାଚନ ସମସ୍ୟା ଉପୁଜିଲେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ ଏହି ସମସ୍ୟାରୁ ସେମାନଙ୍କୁ କିଭଳି ମୁକ୍ତ କରିବେ ଜାଣିବା ଆସନ୍ତୁ ।

### ଖାଇବା ପରେ ବାନ୍ତି ହେବା :



ସାଧାରଣତଃ ଶିଶୁମାନେ କ୍ଷୀର ବା ସେହିଭଳି ଅନ୍ୟ ତରଳ ପଦାର୍ଥକୁ ଠିକ୍ ଭାବରେ ହଜମ କରି ନ ପାରି ବାନ୍ତି କରିଦେଇଥାନ୍ତି । ଏହା ବ୍ୟତୀତ ଶିଶୁଙ୍କଠାରୁ ବଡ଼ ପିଲାମାନେ ମଧ ଏଣୁତେଣୁ ଖାଦ୍ୟ,ଦୂଷିତ ଖାଦ୍ୟ, ବାସି ଅଥବା ସଢ଼ିଯାଇଥିବା ଖାଦ୍ୟ, ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଦ୍ୱାରା ଠିକ୍ ଭାବରେ ହଜମ କରିପାରନ୍ତି ନାହିଁ । ଫଳରେ ସେମାନେ ବାନ୍ତି କରନ୍ତି । କେବଳ ଯେ ଖାଦ୍ୟ ଉତ୍ତମ ଭାବରେ ହଜମ କରି ନ ପାରିଲେ ବାନ୍ତି ହୁଏ ତାହା ନୁହେଁ । ଅନେକ ସମୟରେ ଫୁଡ୍ ଇନଫେକସନ ବା ଖାଦ୍ୟ ସଂକ୍ରମଣ ଯୋଗୁଁ ମଧ ପିଲାଙ୍କଠାରେ ବାନ୍ତି ସମସ୍ୟା ଦେଖାଯାଏ । କିଛି ଖରାପ ଅଭ୍ୟାସ ଯଥା-ହାତ ନ ଧୋଇ ଖାଦ୍ୟ ଖାଇବା, ମାଛିବସା ଦୂଷିତ ଖାଦ୍ୟ ଖାଇବା, ମଇଳା ପାଣି ପିଇବା ଦ୍ୱାରା ମଧ ବଦହଜମି ହୋଇଥାଏ । ବାନ୍ତି ମଧ ହଇଜା ଭଳି ଦିନେ ଦୁଇ ଦିନ ମଧରେ ଠିକ୍ ହୋଇଯାଇଥାଏ । କିନ୍ତୁ ଯଦି ପିଲାଟି ଦିନେ ଦୁଇ ଦିନରୁ ଅଧିକ ବାନ୍ତି ସମସ୍ୟା ଭୋଗୁଛି, ତା' ହେଲେ ତୁରନ୍ତ ଜଣେ ଅଭିଜ୍ଞ ଶିଶୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

### ଦୁର୍ଗନ୍ଧ ହାକୁଟି ଆସିବା :



ଯଦି ଆପଣଙ୍କ ପିଲାର ଛାତି ପୋଡୁଛି ଅଥବା ଦୁର୍ଗନ୍ଧ ହାକୁଟି ଆସୁଛି ତ ଜାଣିବାକୁ ହେବ, ତା'ର ଏସିଡିଟି ହୋଇଛି । ସାଧାରଣତଃ ଅସମୟରେ ଖାଇବା ଦ୍ୱାରା ଏସିଡିଟି ବା ଅମ୍ଳ ସମସ୍ୟା ଦେଖାଦେଇଥାଏ । ଏହା ବ୍ୟତୀତ ବିଳମ୍ବିତ ରାତିରେ ଖାଇବା, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ମଧ ଏହି ସମସ୍ୟା ଉପୁଜିଥାଏ । ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ହେଲେ ପିଲାଟିକୁ କମ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖୁଆନ୍ତୁ । ଏଭଳି କରିବା ଦ୍ୱାରା ଏସିଡିଟି ଦେଖାଦେଉଛି, ତା' ହେଲେ ଜଣେ ଅଭିଜ୍ଞ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

### ଡାଇରିଆର ଲକ୍ଷଣ :

ଯଦି ଶିଶୁଟି ଦିନରେ ତିନି ଥରରୁ ଅଧିକ ଥର ଝାଡ଼ା କରୁଛି ଏବଂ ତା' ସହିତ ତା'ର ବାନ୍ତି ହେଉଛି, ତେବେ ଏହା ଡାଇରିଆ ବା ହଇଜାର ଲକ୍ଷଣ ହୋଇପାରେ । ଡାଇରିଆ ବ୍ୟାକ୍ଟେରିଆ ଓ ଭାଇରସ୍ ଆଦି କାରଣରୁ ହୋଇଥାଏ । ଆଲର୍ଜି କାରଣରୁ ମଧ ବେଳେବେଳେ ଏଭଳି ହୋଇଥାଏ । ଡାଇରିଆର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

### ଅଧିକ ଗ୍ୟାସ୍ ହେବା :



ପେଟରେ ଗ୍ୟାସ୍ ହେବା ଏକ ପ୍ରାକୃତିକ ବା ସ୍ୱାଭାବିକ ପ୍ରକ୍ରିୟା । ସାଧାରଣତଃ ପିଲାମାନେ ନାନା ପ୍ରକାର ବାହାର ଜିନିଷ ଖାଇଥାନ୍ତି, ଯାହା ପେଟରେ ଅଧିକ ଗ୍ୟାସ୍ ଉତ୍ପନ୍ନ ହେବା କିମ୍ବା ବାରମ୍ବାର ଦୂଷିତ ବାୟୁ ଛାଡ଼ିବା ବଦହଜମିର ଲକ୍ଷଣ ହୋଇପାରେ । ଗ୍ୟାସ୍ ହେବା ଏକ ସାମାନ୍ୟ ପେଟରୋଗ । ସୋଡ଼ା, ଲେମ୍ବୁ କିମ୍ବା ପୁଦିନା ଭଳି ଘରୋଇ ଚିକିତ୍ସାରେ ଏହା ଭଲ ହୋଇଯାଇଥାଏ । ଯଦି ଏହି ସମସ୍ୟା ଅଧିକ ଦିନ ଲାଗିରହେ ବା ବଢ଼ିଯାଇ ଅଧିକ ପେଟ ଯନ୍ତ୍ରଣାର କାରଣ ହୁଏ, ତା' ହେଂଲେ ଡେରି ନ କରି ଜଣେ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

### ପେଟ ଯନ୍ତ୍ରଣା :

ପିଲାମାନଙ୍କଠାରେ ବ୍ୟାକ୍ଟେରିଆ ଓ ଭାଇରସ୍ ଖୁବ୍ ସହଜରେ ବ୍ୟାପି ଯାଇଥାଏ । ବିଶେଷକରି ତରକାରୀରେ ବ୍ୟବହୃତ ପନିପରିବା, ଭୋଜନରେ ସାମିଲ ଖାଦ୍ୟ ଶସ୍ୟ, ଶାଗ, ଫଳ ଆଦି ଭଲ ଭାବରେ ଧୁଆ ହୋଇନଥିଲେ ଏଭଳି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ । ଖାଇବା ପୂର୍ବରୁ ପିଲାମାନେ ଭଲ ଭାବେ ହାତ ନ ଧୋଇବା ମଧ ଏହାର ଅନ୍ୟ ଏକ କାରଣ । ଏହା ବ୍ୟତୀତ ଗୋଟିଏ ଥାଳିରେ ଏକାଧିକ ସାଙ୍ଗ ମିଶି ଖାଦ୍ୟ ଖାଇଲେ ଜଣକ ହାତରେ ଥିବା ବ୍ୟାକ୍ଟେରିଆ ଭୋଜନରେ ମିଶିଥାଏ ଓ ସମସ୍ତେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ବାନ୍ତିବାନ୍ତି ମଧ କରିଥାନ୍ତି ।

## ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍

ଅଧିକ ହେଲେ କ୍ଷତି ନାହିଁ । ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କହିଲେ ଏହାକୁ ହିଁ ବୁଝାଏ । ସାଜସଜ୍ଜାରେ ପୂର୍ଣ୍ଣତା ବଜାୟ ରଖିବା ହେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନର ପରିଭାଷା । ଦିନକୁ ଦିନ ବଦଳୁଛି ସାଜସଜ୍ଜାର ସଂଜ୍ଞା । ତାହା ସହିତ ତାଳ ମିଳାଇ ବଦଳିବାରେ ଲାଗିଛି ଲୁକ୍, ଷ୍ଟାଇଲ୍ ଆଉ ଫ୍ୟାଶନ୍ । ଦିନ ଥିଲା ମିନିମାଲିଷ୍ଟ ଫ୍ୟାଶନ୍ ଥିଲା ଫ୍ୟାଶନିଷ୍ଟାମାନଙ୍କର ପ୍ରିୟ । ଏବେ ସେହି ସ୍ଥାନ ନେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ ।



### ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କ'ଣ

ହାର, ଇୟରରିଂ, ଚୁଡ଼ି, ଗାଢ଼ ଲିପଷ୍ଟିକ୍... ଏଇ ସମସ୍ତ ନେଇ ସୃଷ୍ଟି ମ୍ୟାକ୍ସିମାଲିଟେ ଫ୍ୟାଶନ୍ । ସୁନ୍ଦର ଶାଢ଼ି ସହିତ କାନରେ ସାଣ୍ଡେଲିୟର ପିନ୍ଧିଲେ ସାଜ ସଂପୂର୍ଣ୍ଣ ହୋଇଯାଉଥିଲା । କିନ୍ତୁ ଏବେ ଦରକାର ଆହୁରି ଅଧିକ । ଏଇଠି ବଦଳି ଯାଉଛି ସାଜସଜ୍ଜାର ସଂଜ୍ଞା କେବଳ ଇୟରରିଂ ବା ଗଳାର ଷ୍ଟେଟମେଣ୍ଟ ପିସ୍ ନୁହେଁ । ସବୁ କିଛି ମଧରେ ସମାନତା ବଜାୟ ରଖିବାକୁ ହେବ । ତେବେ ଯାଇ ପରିପୂର୍ଣ୍ଣ ହେବ ମ୍ୟାକ୍ସିମାଲିଟେ ଫ୍ୟାଶନ୍ ।

### କିଭଳି କରିବେ କମ୍ବିନେସନ୍

କେବଳ ଗହଣାରେ ଏହି ସାଜ ସରିଗଲା ବୋଲି ଭାବିବା ଠିକ୍ ନୁହେଁ । ଇଚ୍ଛା କଲେ ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ ମଧ ଏହି ଲୁକ୍ ଆଣିପାରିବେ । ସେଥିପାଇଁ ହ୍ୟାଟ, ବେଲ୍ଟ, ସ୍କାର୍ଫ, ଜୁଏଲାରୀ, ଜ୍ୟାକେଟ୍ ବ୍ୟବହାର କରିବାକୁ ହେବ ।



### ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ

ସର୍ଟ ଡ୍ରେସ୍ ସହିତ ସ୍କାର୍ଫ, ମୁଣ୍ଡରେ ଟୋପି ଓ ଆଖିରେ ମାନୁଥିବା ସନଗ୍ଲାସ୍ । କାନରେ ଲମ୍ବା ଇଅରରିଂ । ଏକାଧିକ ଆକସେସୋରି ବ୍ୟବହାର କରୁଥିବାରୁ ରଙ୍ଗ ଠିକ୍ ବାଛିବାକୁ ପଡ଼ିବ । ସବୁ କିଛି ଗାଢ଼ ରଙ୍ଗର ହେଲେ ଆପଣଙ୍କର ଫ୍ୟାଶନ୍ ବିଷୟରେ ଧାରଣା ନାହିଁ । ବୋଲି ମନେ ହେବ । ତେଣୁ ଏକାଧିକ ଆକ୍ସେସରି ବ୍ୟବହାର କରୁଥିଲେ ରଙ୍ଗର କନଷ୍ଟ୍ରାଟ ଆଗରୁ ବାଛି ନିଅନ୍ତୁ ।

### ପ୍ରିଣ୍ଟ ପରଫେକ୍ଟ

ସାଧାରଣତଃ ପ୍ରିଣ୍ଟ୍ ବଟମଓ୍ୱେୟର ସହିତ ସଲିଡ୍ କଲରର ଟପ୍ ଓ ପ୍ରିଣ୍ଟେଡ୍ ଟପ୍ ସହିତ ପ୍ଲେନ୍ ବଟମ୍ ଓ୍ୱିୟର ବାଛିନିଅନ୍ତି ଅନେକେ । କିନ୍ତୁ ମ୍ୟାକ୍ସିମାଲିଟେ ଫ୍ୟାଶନରେ ବଟମ୍ ଓ ଟପ୍ ଓ୍ୱିୟର ଦୁଇଟି ଯାକ ସମାନ ପ୍ରିଣ୍ଟର ପିନ୍ଧି ପାରିବେ । ତେବେ ଦେଖିବାକୁ ହେବ ଯେଉଁ ପ୍ରିଣ୍ଟ ପିନ୍ଧୁଛନ୍ତି ସେଇଟା ଆପଣଙ୍କୁ ମାନୁଛି କି ନାହିଁ ।

### ହାଲୁକା ଶାଢ଼ି, ଭାରୀ ଗହଣା

ସିଫନ୍ ବା ହାଲୁକା ଶାଢ଼ି ସହିତ ଛୋଟ ମୁକ୍ତାର ଇୟର ଷ୍ଟଡ ଓ ହାର ବଢ଼ିଆ ଲାଗେ । କିନ୍ତୁ ଭାରୀ ଗହଣାର ସାଜସଜ୍ଜାରେ ମଧ ସିଫନ ବେଶ ଭଲ ଲୁକ୍ ଦେଇଥାଏ । ଯେମିତିକି ଇୟର ଷ୍ଟଡ୍, ହାର ସହିତ ହାତ ପାଇଁ ଷ୍ଟେଟମେଣ୍ଟ ବ୍ରେସଲେଟ୍ ଭଲ ଲାଗିବ ।

### ଗୋଲ୍ଡେନ୍ ଟଚ୍

ଶାଢ଼ିର ଧଡ଼ି ସୁନେଲି ରଙ୍ଗର ହୋଇଥିଲେ ସୁନାର ଅଳଙ୍କାର ପିନ୍ଧନ୍ତୁ । ସିଲଭର ଜରି କାମ ଥିଲେ ରୂପା ଅଳଙ୍କାର ଭଲ ଲାଗିବ । କିନ୍ତୁ ରୂପା ଗହଣା ସହିତ ସୁନେଲି ଧଡ଼ି ଥିବା ଶାଢ଼ି କିମ୍ବା ସୁନେଲି ଧଡ଼ିରେ ରୂପା ଗହଣା ଭଲ ମାନିବ ନାହିଁ ।

## ଅଣ୍ଡା କମାଏ ହୃଦ୍‌ରୋଗ ଆଶଙ୍କା



ଚୀନର ଏକ ଅଧୟନ ଅନୁସାରେ, ଦିନକୁ ଗୋଟିଏ ଅଣ୍ଡା ଖାଇବା ଦ୍ୱାରା ହୃଦରୋଗ ଆଶଙ୍କା ହ୍ରାସ ପାଇପାରେ । ପ୍ରତିଦିନ ଅଣ୍ଡା ଖାଉଥିବା ବ୍ୟକ୍ତିଙ୍କ ହୃଦରୋଗ ଜନିତ ମୃତ୍ୟୁ ଆଶଙ୍କା ୧୮ପ୍ରତିଶତ ହ୍ରାସ ପାଇଥିବା ଅଧୟନରୁ ଜଣାପଡ଼ିଲା । ହାର୍ଟ ପତ୍ରିକାରେ ଅଧୟନଟି ପ୍ରକାଶ ପାଇଛି । ଅଧୟନର ସହ ଲେଖକ କାନକିଙ୍ଗ ୟୁଙ୍କ ଅନୁସାରେ, ଅଣ୍ଡା ଓ ହୃଦଯୋଗ ଉପରେ ହୋଇଥିବା ଏପର୍ଯ୍ୟନ୍ତର ଗବେଷଣାଗୁଡ଼ିକର ସୀମିତ ତଥ୍ୟ ଯୋଗୁଁ ବିଷୟଟି ବିବାଦୀୟ ହୋଇରହିଛି । ଏହାକୁ ଦୃଷ୍ଟିରେ ରଖି ଅଣ୍ଡା ଓ ହୃଦରୋଗ ପରେ ବିସ୍ତୃତ ଅଧନ କରାଯାଇଛି । ୩୦ରୁ ୭୯ ବର୍ଷ ବୟସର ୧୩ପ୍ରତିଶତରୁ ଅଧିକ ବ୍ୟକ୍ତି ଦିନକୁ ଗୋଟିଏ ଅର୍ଡା ଖାଇଥିଲେ । ଅନ୍ୟପକ୍ଷେ, କେବଳ ୯ପ୍ରତିଶତ ଖୁବ୍ କମ ବା କେବେ ଅଣ୍ଡା ଖାଇନଥିଲେ । ଅଣ୍ଡା ନଖାଇଥିବା ବ୍ୟକ୍ତିଙ୍କ ତୁଳନାରେ ଦିନକୁ ଗୋଟିଏ ଅଣ୍ଡା ଖାଇଥିବା ବ୍ୟକ୍ତିଙ୍କୁ ହୃଦରୋଗ ଆଶଙ୍କା କମ ଜଣାପଡ଼ିଲା । ଏଥିସହ ବ୍ରେନ ଷ୍ଟ୍ରୋକ୍ ଆଶଙ୍କା ମଧ ୨୬ ପ୍ରତିଶତ ହ୍ରାସ ପାଇଥିଲା । ହାରାହାରି ଅଣ୍ଡା ଖାଇଥିବା ବ୍ୟକ୍ତିଙ୍କଠାରେ ଏପରି ଷ୍ଟ୍ରୋକରୁ ମୃତ୍ୟୁ ଆଶଙ୍କା ୨୮ ପ୍ରତିଶତ ହ୍ରାସ ପାଇଥିଲା ।

## ଫାଷ୍ଟଫୁଡ୍ ନଟ୍ ଗୁଡ୍



ଆଜିକାଲି ଗ୍ରାମାଞ୍ଚଳରେ ହେଉ ବା ସହରାଞ୍ଚଳ ହେଉ ସବୁଠି ଫାଷ୍ଟଫୁଡ୍ ପାଖରେ ଲୋକଙ୍କ ଭିଡ଼ ଜମୁଛି । ଭାରତୀୟ ବ୍ୟଞ୍ଜନ ଏବେ ଫାଷ୍ଟଫୁଡର ପଛରେ ରହିଯାଇଛି । କିନ୍ତୁ ଲୋକଙ୍କୁ ଜଣାନାହିଁ ଯେ ଫାଷ୍ଟଫୁଡ୍ କେତେ କ୍ଷତିକାରକ । ଫାଷ୍ଟଫୁଡ ବିଭିନ୍ନ ପ୍ରକାର ରୋଗକୁ ଡାକିଆଣିଥାଏ । ଡାକ୍ତରମାନେ ଫାଷ୍ଟଫୁଡ ଖାଇବାକୁ ସାଧାରଣତଃ ମନା କରିଥାନ୍ତି, କାହିଁକି ନା ଫାଷ୍ଟଫୁଡ୍ ମୃତ୍ୟୁକୁ ଆମନ୍ତ୍ରଣ କରିଥାଏ । ଏହାର ସ୍ୱାଦ ଯଦିଓ ସ୍ୱାଦିଷ୍ଟ ତେବେ ଏହା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ । ମଇଦାଯୁକ୍ତ ଏହି ଖାଦ୍ୟରେ ଖଣିଜଦ୍ରବ୍ୟ, ଭିଟାମିନ୍, ପ୍ରୋଟିନର ଅଭାବ ରହିଥାଏ । ମାତ୍ର କାର୍ବୋହାଇଡ୍ରୋଟ୍, ରସାୟନ ଏବଂ ତୈଳ ଅଂଶ ଅଧିକ ରହିଥିବା କାରଣରୁ ଏହା ପାଚନ କ୍ରିୟାରେ ଅସାମନତା ବୃଦ୍ଧି କରିଥାଏ । ମଇଦାରେ ଭିଟାମିନସର ଅଭାବ ରହିଛି ଏବଂ ଏଥିରେ କାର୍ବୋହାଇଡ୍ରେଟ ଅଧିକ ରହିଛି, ଯାହା ପାଚନ ପ୍ରକ୍ରିୟାକୁ ସିଧାସଳଖ ପ୍ରଭାବିତ କରିଥାଏ । ଏହା ସ୍ୱାଦିଷ୍ଟ ହୋଇଥିଲେ ମଧ ଖାଇବା ଉଚିତ ନୁହେଁ ବୋଲି ଡାକ୍ତରମାନେ କହୁଥିବାବେଳେ ମଧୁମେହ, ମେଦବୃଦ୍ଧି, ହୃଦରୋଗ, କୋଷ୍ଠକାଠିନ୍ୟ, ଗ୍ୟାସ୍ ଏସିଡିଟି ଭଳି ରୋଗକୁ ଡାକିଆଣିଥାଏ । ଏହା ଖାଦ୍ୟ ପାଇଁ ଅନୁପଯୁକ୍ତ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୫ ଅଗଷ୍ଟ ୨୦୨୧, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯନ୍ତ୍ରଣା...

ସମ୍ପ୍ରତି କରୋନା ସଂକ୍ରମଣଜନିତ ସମସ୍ୟା ଉତ୍କଟ ଓ ବ୍ୟାପକ ହେବାରେ ଲାଗିଛି । ପ୍ରଥମ ଲହର ବେଳେ ପ୍ରବାସୀମାନଙ୍କର ଲମ୍ବା ଧାଡ଼ି ଲାଗିଥିଲା । ସେମାନଙ୍କୁ କର୍ମସ୍ଥଳ ଛାଡ଼ି ନଆସିବାକୁ କର୍ତ୍ତୃପକ୍ଷ ଯେତେ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲେ ସୁଦ୍ଧା କଳ, ଖାରଖାନାଗୁଡ଼ିକରେ ତାଲା ପଡ଼ିଯିବାରୁ ସେମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ନିଜ ଭିଟାମାଟିକୁ ପଳାଇ ଆସିଥିଲେ । ଏଣେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସରୁ ଚାଲିଆସିଥିବା ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । ତାହା ସେମିତି ପ୍ରତିଶ୍ରୁତିରେ ରହିଗଲ । କାମଧନ୍ଦା ମିଳିବାର ଆଶା ନମିଳିବାରୁ କିଭଳି ସ୍ୱଚ୍ଛଳ ପରିବାରର ଲୋକମାନେ ପେଟ ପାଇଁ ରାସ୍ତା ଉପରକୁ ଓହ୍ଲାଇଲେ, ତାହା ସମସ୍ତେ ଦେଖିଛନ୍ତି । ନିୟମିତ ସର୍ବନିମ୍ନ ରୋଜଗାର ଭରସା ନମିଳିବାରୁ ପୁଣି ଶ୍ରମିକମାନେ ବାଧହୋଇ ଫେରିବା ଆରମ୍ଭ କଲେ । କାରଖାନା ମାଲିକ ଓ ଦଲାଲଙ୍କ କଥାରେ ସେମାନେ ଫେରିଲେ ସତ, କିନ୍ତୁ କରୋନା ସଂକ୍ରମଣର ଦ୍ୱିତୀୟ ଲହର ସେମାନଙ୍କ ଆୟ ପଥରେ ସାଜିଲା କଣ୍ଟା । ଓଡ଼ିଶାର କୁଶଳୀ ତଥା ଅର୍ଦ୍ଧକୁଶଳୀ ଶ୍ରମିକମାନେ ଖୁବ୍ ପରିଶ୍ରମୀ । ରାଜ୍ୟ ଓ ରାଜ୍ୟ ବାହାରେ ସେମାନଙ୍କ ଦକ୍ଷତାକୁ ସମସ୍ତେ ତାରିଫ୍ କରିଥାନ୍ତି । ନିଜ ରାଜ୍ୟରେ କାମଧନ୍ଦାର ଅଭାବ ହେତୁ ବାହାରେ ଦାଦନ ଖଟିବାକୁ ବାଧ ହେଉଥିବା ଶ୍ରମିକମାନଙ୍କର ଅବସ୍ଥା ଦୁର୍ବିସହ ହୋଇସାରିଲାଣି । ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ଯଥେଷ୍ଟ କାମଧନ୍ଦା ବ୍ୟବସ୍ଥାର ପ୍ରତିଶ୍ରୁତି ରହିଛି ସିନା, ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ । ମନରେଗା ଓ ଅନ୍ୟ ଯୋଜନାରେ ଶାରୀରିକ ଶ୍ରମ ବଦଳରେ ମେସିନ୍ ଲଗାଇ କାର୍ଯ୍ୟ ହେଉଥିବାର ଭୂରି ଭୂରି ଦୃଷ୍ଟାନ୍ତ କ'ଣ ସରକାରଙ୍କ ନଜରକୁ ଆସୁନାହିଁ । ହିସାବ କହୁଛି: ଅତିକମ୍‌ରେ ଦେଢ଼ଲକ୍ଷ ଦାଦନ ଖଟିବାକୁ ବାହାରି ପଡ଼ିଲେଣି । ନିଜ ରାଜ୍ୟରେ ଯଦି ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ନମିଳିବ, ସେମାନେ ବାହାରକୁ ଚାଲିଯିବା ନିଶ୍ଚିତ । ରାଜ୍ୟ ଭିତରେ ଓ ବାହାରେ ଶ୍ରମିକମାନଙ୍କ ସୁରକ୍ଷା ନେଇ ଯାହା କିଛି ଆଇନ ରହିଛି ତାହା କାଗଜପତ୍ର ଭିତରେ ସୀମିତ । ନ୍ୟାୟାଳୟରେ ସରକାର ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ଓ ସେମାନଙ୍କ ସୁରକ୍ଷା ନେଇ ଲମ୍ବାଫର୍ଦ୍ଦ ପେସ୍ କରାଯାଉଛି । କିନ୍ତୁ ବାସ୍ତବତା ଯାହା, ତାହା ସମସ୍ତେ ଅଙ୍ଗେ ନିଭାଉଛନ୍ତି ।। ଗୁଣପୁର ଅଞ୍ଚଳର ଏକ ହୃଦୟ ବିଦାରକ ଅଘଟଣ ଅନେକଙ୍କ ନଜରକୁ ଆସିଥିବା । କେତେଜଣ ନାବାଳକଙ୍କୁ ମିଶାଇ ଛଅଜଣ ଶ୍ରମିକ ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ବିଦ୍ୟୁତ୍ ସର୍ଟସର୍କିଟ୍ ହେବାଫଳରେ ଜିଅନ୍ତା ଜଳିଯାଇଛନ୍ତି । ନାବାଳକମାନଙ୍କୁ କାମରେ ନିୟୋଜିତ କରାଯିବା ଆଇନତଃ ଠିକ୍ ନୁହେଁ । କେବଳ ସେତିକି ନୁହେଁ, କେଉଁ ସ୍ଥିତିରେ ରାଜ୍ୟ ବାହାରକୁ ଗୁଣପୁର ଓ ଗଜପତିର ବାସିନ୍ଦା ଚାଲିଗଲେ, ତାହାର ଜବାବ କର୍ତ୍ତୃପକ୍ଷଙ୍କ ପାଖରୁ ମିଳିବା କଷ୍ଟକର ହେଉଛି । ଶ୍ରମିକମାନଙ୍କର ଜୀବନ୍ତ ଦଗ୍ଧ ହୋଇ ପ୍ରାଣହାନି ପାଇଁ ସମସ୍ତେ ଶୋକଭିଭୂତ, ସହାୟତା ରାଶି ଘୋଷଣା ପାଇଁ ମଧ୍ୟ ପ୍ରଶାସନ ତତ୍ପର । କିନ୍ତୁ ରାଜ୍ୟସୀମା ଟପି କେଉଁ ଅବସ୍ଥାରେ ସେମାନେ ଚାଲିଯାଉଛନ୍ତି, ତାହାର ହିସାବ ମଗାଗଲା ବେଳକୁ ଉପରକୁ ତଳ ପର୍ଯ୍ୟନ୍ତ ସମସ୍ତେ ଚୁପ୍ । ଗୁଣ୍ଟୁର ଜିଲ୍ଲାପାଳ ଘଟିଥିବା ଅଘଟଣ ନେଇ ତଦନ୍ତ ସକାଶେ ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଜୀବନ୍ତ ଦଗ୍ଧ ହୋଇଥିବା ଅତିଗରିବ ଶ୍ରେଣୀର ଛଅଜଣଙ୍କ ମଧ୍ୟରେ ଥିବା ତିନିଜଣ ନାବାଳକଙ୍କ ବିଷୟରେ ଆଉ ଯାହା ଶୁଣାଯାଉଛି, ତାହା ମଧ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅନ୍ୟ ସବୁ ସ୍ଥାନ ଭଳି ଆମ ରାଜ୍ୟରେ ଯେଉଁ ଅନ୍‌ଲାଇନ୍ ପାଠ ପଢ଼ା ଚାଲିଛି, ସେଥିପାଇଁ ଦରକାର ପଡୁଛି ସ୍ମାର୍ଟ ଫୋନ୍ । ସେଭଳି ଫୋନ୍ ସେଟ୍ ଶସ୍ତାରେ ମିଳିପାରିବନି । ଗରିବ ବାପ-ମା'ମାନେ ସେମିତି ଯୋଗାଡ଼ କରିବା ଅବସ୍ଥାରେ ନଥିବାରୁ ଅତିକମ୍‌ରେ ମାସେ ଦୁଇମାସ ଖଟି କିଛି ଅର୍ଥ ସଂଚିତ କରି ଫେରିଲେ ସ୍ମାର୍ଟ ଫୋନ୍ କିଣି ପାଠ ପଢ଼ିଥାନ୍ତି । ମାତ୍ର ନାବାଳକମାନଙ୍କର ସ୍ୱପ୍ନ ପୋଡ଼ି ପାଉଁଶ ହୋଇଗଲା । ସୁରତ ହେଉ କି' ଚେନ୍ନାଇ, ରାଜ୍ୟ ବାହାରେ ଆମ ରାଜ୍ୟରୁ ଦାଦନ ଖଟିବାକୁ ଯାଇଥିବା ପୁରୁଷ-ମହିଳା, ସାବାଳକ-ନାବାଳକମାନଙ୍କର ଜୀବନ କିଭଳି ସାରୁ ପତରରେ ପାଣି ଭଳି ରହିଛି, ତାହାର ଏହା ଛୋଟ ଉଦାହରଣ ବୋଲି କହିହେବ । ଶ୍ରମିକମାନଙ୍କ କଲ୍ୟାଣ ତ' ଦୂରର କଥା, ଜୀବନରକ୍ଷା ଓ ବୃତ୍ତିର ସୁରକ୍ଷା ପାଇଁ ଏକାଧିକ ଆଇନ ରହିଛି । ହେଲେ କ୍ଷେତ୍ର ବିଶେଷରେ, ବିଶେଷକରି କରୋନା ସଂକ୍ରମଣ ପାଇଁ ସମସ୍ତେ ଛଟପଟ ହେଉଥିବା ସମୟରେ ଶ୍ରମିକ ଶୋଷଣ ରୋକାଯିବା ଓ ସେମାନଙ୍କୁ ତଥା ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷିତ ରଖାଯିବା ପାଇଁ ବିଶେଷ ବ୍ୟବସ୍ଥା କରାଯିବା ଅଧିକ ଜରୁରି ।

# ପ୍ରାଜ୍ଞ ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ




ଅମୂଲ୍ୟ କୁମାର ପଣ୍ଡା

ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦


ଓଡ଼ିଶାର ବରେଣ୍ୟ ପ୍ରାଜ୍ଞ ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ, ୧୮୮୪ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳଠାର ଏକ ପୁଣ୍ୟ ତିଥି ଓ ବେଳରେ ଜନ୍ମ ଗ୍ରହଣ କରିଥିଲେ। ସେ ଜଣେ ଲେଖକ, ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ପଣ୍ଡିତ ନୀଳକଣ୍ଠ ଏକାଧାରରେ ଥିଲେ ବିଦ୍ୱାନ ଓ ରାଜନୀତିଜ୍ଞ । ତାଙ୍କର ମେଧାଶକ୍ତି ଅତୁଳନୀୟ। ତାଙ୍କୁ ଶ୍ରଦ୍ଧାରେ ପଣ୍ଡିତ ଆଖ୍ୟା ଦେଇ ପଣ୍ଡିତ ନୀଳକଣ୍ଠ ଦାସ ବୋଲି ମଧ୍ୟ ଡକା ଯାଇଥାଏ। ପଣ୍ଡିତ ନୀଳକଣ୍ଠ ଦାସ ଜଣେ ମେଧାବୀ ଛାତ୍ର ଥିଲେ। ଉଜ୍ଜ୍ୱଳତମ ଜ୍ଞାନଦୀପ୍ତିରେ ଭରା ଚକ୍ଷୁ ଦୁଇଟି ତାଙ୍କର ଉଜର୍ସିନୀ ପ୍ରତିଭାର ନିଚ୍ଛଙ୍କ ପ୍ରତିଛବି ଥିଲା । ପଣ୍ଡିତ ନୀଳକଣ୍ଠଙ୍କର ଗଦ୍ୟ ଶୈଳୀର ବୈଚିତ୍ର୍ୟ, ଶ୍ରୁତି ମାଧୁର୍ଯ୍ୟ, ମନୋଜ୍ଞ ଅଭିବ୍ୟକ୍ତି, ପ୍ରସାରଣ ଶୀଳତା ଓ ବହୁବିଧ ଗଠନ ପ୍ରବଣତାକୁ ତାଙ୍କୁ ସ୍ୱତନ୍ତ୍ର ବ୍ୟକ୍ତି ଭାବେ ପ୍ରତିଷ୍ଠିତ କରାଇଥିଲା। ପ୍ରଥମ ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜର ବି.ଏ. ପରୀକ୍ଷା ପର୍ଯ୍ୟନ୍ତ ସେ ଓଡ଼ିଶାରେ ପ୍ରଥମ ହୋଇ ଆସିଥିଲେ । ଦର୍ଶନ ଶାସ୍ତ୍ର ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ବିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ଦର୍ଶନ ଶାସ୍ତ୍ର କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ । ୧୯୨୦ ମସିହାରେ କୁଳପତି ସାର ଆଶୁତୋଷ ମୁଖାର୍ଜୀଙ୍କ ନିମନ୍ତ୍ରଣ । କ୍ରମେ ସେପଟେମ୍ବର ୨୧ ତାରିଖରେ ତତ୍କାଳୀନ କଲି କତା ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାରତୀୟ ସାହିତ୍ୟ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗରେ ଓଡ଼ିଆ ଅଧ୍ୟାପକ ରୂପେ ଯୋଗଦାନ କରିଥିଲେ । ୧୯୨୧ ମସିହା ଜାନୁଆରୀ ୬ ତାରିଖରେ କଲିକତା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଦ ତ୍ୟାଗ କରିଥିଲେ । ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଓ ପଣ୍ଡିତ ନୀଳକଣ୍ଠ ଦାସ ଭାର୍ଗବୀ ନଈରେ ବଢ଼ପାଣିରେ ହଇଜାରେ ମରି ଭାସି ଯାଉଥିବା ଶବଗୁଡିକୁ ଦେଖି ଶପଥ ନେଇଥିଲେ, ଯେ ସରକାରୀ ଚାକିରି କରିବା ନାହିଁ ଆମେ ସେବାରେ ମନ ଦେବା। ପରେ ପରେ ଅନଗ୍ରସର, ମୂକ ଓଡ଼ିଆ ଜାତିର ପାଟିରେ ଭାଷା ଦେବା ପାଇଁ ସତ୍ୟବାଦୀ ବନବିଦ୍ୟାଳୟ ୧୯୦୯ ପ୍ରତିଷ୍ଠା ହେଲା ଓ ମାସିକ ୩୦ଟଙ୍କା ବେତନରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ନୀଳକଣ୍ଠ ଦାସ କାମ ଆରମ୍ଭ କରିଥିଲେ। ସ୍ୱରାଜ୍ୟ ଦଳ ପକ୍ଷରୁ ବିହାର, ଓଡ଼ିଶା ପ୍ରଦେଶର କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟ ଓ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଗଠିତ 'ସ୍ୱରାଜ୍ୟ' ବ୍ୟବସ୍ଥା ସଭା ଦଳରେ ସଂପାଦକ ମଧ୍ୟ ହୋଇଥିଲେ।

ସତ୍ୟବାଦୀ ଅବସ୍ଥାନ କାଳରେ ପଣ୍ଡିତ ନୀଳକଣ୍ଠ ଦାସ ସମାଜ-ସଂସ୍କାରକୁ ପ୍ରାଧାନ୍ୟ ଦେଇ ଆନ୍ଦୋଳନ ଆରମ୍ଭ କରିଥିଲେ। ସେ ଥିଲେ ଥିଲେ ଜଣେ ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି । ସେ ବ୍ୟକ୍ତିଠାରୁ ନୀତିକୁ ବିଶେଷ ଗୁରୁତ୍ୱ ଦେଉଥିଲେ । ସେ ଥିଲେ ସ୍ପଷ୍ଟବାଦୀ। ବ୍ରାହ୍ମଣ ହୋଇ ନିଶ ରଖିଥିଲେ, ଯାହା ଶାସନୀ ବ୍ରାହ୍ମଣଙ୍କ ପାଇଁ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଥିଲା। ତାଙ୍କ ନିଶକୁ ଦେଖାଇ, ବ୍ରାହ୍ମଣମାନେ ତାଙ୍କ ବିରୋଧରେ ନାନା ଅପପ୍ରଚାର ଚଳାଇଥିଲେ ହେଁ ସେସବୁ ପ୍ରତି ପଣ୍ଡିତ ନୀଳକଣ୍ଠଙ୍କର ତିଳେ ହେଲେ ଖାତର ନଥିଲା। ଦେଶରେ ମହାମାରୀ ସମୟରେ ରୋଗୀସେବା, ବନ୍ୟା ସମୟରେ ଲୋକସେବା, ରାଜନୀତିରେ ବିଚକ୍ଷଣତା, ପତ୍ରିକା ସଂପାଦନରେ ଦକ୍ଷତା। ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର କବିତା, ପ୍ରବନ୍ଧ ଓ ଶିଶୁ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ନିଜର ଅବଦାନ ଛାଡି ଯାଇଛନ୍ତି । ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଦୃଷ୍ଟିରୁ ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ତାଙ୍କୁ ଶିଶୁ ସାହିତ୍ୟର ଆଦ୍ୟ ସ୍ରଷ୍ଟା ବୋଲି କହିଛନ୍ତି । ଭାଷାବିତ ମାନଙ୍କ ମତରେ ସେ ପ୍ରଥମ ଓଡ଼ିଆ ଭାଷା ବିଜ୍ଞାନୀ । ପଣ୍ଡିତ ନୀଳକଣ୍ଠଙ୍କର 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥ ପଢ଼ିଲେ ତାଙ୍କର ପାଣ୍ଡିତ୍ୟ, କର୍ମପଟୁତା, ବିଦ୍ୟାନିଷ୍ଠା ଓ ସମାଜ କଲ୍ୟାଣ ହରିହର, ପୁଣ୍ୟଶ୍ଳୋକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଠାରୁ କୌଣସି ଗୁଣରେ କମ୍ ନଥିଲା । ତାଙ୍କ ରଚିତ କବିତା ମଧ୍ୟରୁ କୋଣାର୍କେ,



ଖାରବେଳ, ମାୟାଦେବୀ - ପ୍ରବନ୍ଧରେ 'ନୀତି ଓ ପ୍ରକୃତି', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ଅଛୁ ଓ ହେବୁ', 'ଲୌକିକ ବିଜ୍ଞାନ', 'ଶିକ୍ଷାର ଭବିଷ୍ୟତ୍', ଆର୍ଯ୍ୟ ଜୀବନ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଶ୍ରୀମଦ ଭଗବତଗୀତାର ଭୂମିକା, ଓଡ଼ିଆ ଭାଷା ଓ ସାହିତ୍ୟ, ସଂସ୍କୃତି ଓ ସଂସ୍କୃତି, ଲାବଣ୍ୟବତୀର ଟୀକା - ଶିଶୁ ସାହିତ୍ୟରେ ପିଲାଙ୍କ ରାମାୟଣ, ପିଲାଙ୍କ ମହାଭାରତ, ପିଲାଙ୍କ ଭାଗବତ - ଅନୁବାଦ ସାହିତ୍ୟରେ ଲର୍ଡ଼ ଟେନିସନଙ୍କ କବିତାକୁ ଓଡ଼ିଆରେ ଦାସ ନାୟକ ଓ ପ୍ରଣୟିନୀ ଆଦି ଖୁବ ଲୋକପ୍ରିୟ ହୋଇପାରିଥିଲା। ସେ ଗୀତାର ଓଡ଼ିଆରେ ଟୀକା ଲେଖିଥିଲେ । ଏହାଛଡ଼ା ଓଡ଼ିଆ ଭାଷା ଓ ଲିପିର ସୁଧାରରେ ସେ ଅନେକ ପଦକ୍ଷେପ ନେଇଥିଲେ । 'ଘର ଛାଡ଼ି କିମ୍ବା ଯିବ ସେ ବୀରବାଳା ନନ୍ଦିକା, ସହକାର-ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା - କଉସୁଲାଗାଙ୍ଗ ଧଉଳି ଏବେ ନୟନେ ନାଚେ, କବିଙ୍କି ସୁମରି ବିରାଗେ ମୁଖ ଫେରାଅ ପଛେ।' - 'କୋଣାର୍କେ'। ଅନେକଙ୍କ ମତରେ ପଣ୍ଡିତ ନୀଳକଣ୍ଠ ଦାସ ରଚିତ 'କୋଣାର୍କେ' ଆଧୁନିକ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଓ ସର୍ବଶେଷ କାବ୍ୟ। ଏହା ଦୁଇ ଭାଗରେ ବିଭକ୍ତ- 'ରାମଚଣ୍ଡୀରେ ରାତି ଓ ସକାଳ ଓ ମାୟାଦେବୀ । ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ ପୁସ୍ତକର ରଚୟିତା। ସାମ୍ବାଦିକତାରେ ଦୈନିକ ସମାଜର ସମ୍ପାଦକ, ଦୈନିକ ନବଭାରତର ସମ୍ପାଦକ, ସାପ୍ତାହିକ ଲୋକମତର ପ୍ରତିଷ୍ଠାତା, ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟ ଥିଲେ। ଓଡ଼ିଆ ଭାଷାକୁ ବାକି ପଡ଼ୋଶୀ ଭାଷାଭାଷୀମାନଙ୍କ ଆକ୍ରମଣରୁ ଅଲଗା କରି ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାରେ ସେ ମୁଖ୍ୟ ଭୂମିକା ନିଭାଇଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବ୍ୟାସକବି ଫକିର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ ଓ ଏମିତି ଅନେକ କର୍ମୀ ମାନଙ୍କ ସହ ସେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆନ୍ଦୋଳନରେ ଯୋଗ ଦେଇଥିଲେ ଯାହାର ଫଳ ସ୍ୱରୂପ ୧ ଅପ୍ରେଲ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା ।

ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ନୀଳକଣ୍ଠ । ପ୍ରତ୍ୟେକ କଥାକୁ ତର୍କ ଦ୍ୱାରା ପ୍ରତିପାଦନ କରିବା ଥିଲା, ତାଙ୍କର ବୌଦ୍ଧିକ ପ୍ରବୃତ୍ତି। ସେ ସହଜରେ କୌଣସି କଥା ବିଶ୍ୱାସ କରୁ ନ ଥିଲେ। ଯୁକ୍ତି ଦ୍ୱାରା ପ୍ରତିପାଦିତ ହୋଇ, ମନ ବୁଝିଲେ, ଗ୍ରହଣ କରୁଥିଲେ।

ସାଧନାରେ ଏକନିଷ୍ଠତା, ଚିନ୍ତା ଓ ଚେତନାରେ ଶୁଦ୍ଧ ପବିତ୍ରତା, ଭାଷା ଓ କର୍ମରେ ଅପୂର୍ବ ସମନ୍ୱୟ ଏବଂ ଯୋଗୀ ଋଷି ପ୍ରତିମ ଏକାଗ୍ର ଚିତ୍ତବୃତ୍ତ ନୀଳକଣ୍ଠଙ୍କୁ କରିଛି ମହାନ-ମନୀଷୀ । ବୌଦ୍ଧିକତାର କୁଳଦେବତା କହିଲେ ଅତ୍ୟୁକ୍ତି ହେବନାହିଁ। ସଂସ୍କୃତ ଓ ଇଂରାଜୀ ଭାଷାରେ ନୀଳକଣ୍ଠଙ୍କର ଗଭୀର ଜ୍ଞାନ ଥିଲା । ଅନ୍ନଦା ଶଙ୍କରଙ୍କ ଭାଷାରେ ନୀଳକଣ୍ଠ ଆଧୁନିକ ଉତ୍କଳର ସାଂସ୍କୃତିକ ଜୀବନର ଶ୍ରେଷ୍ଠ ପ୍ରତିନିଧି । ନୀଳକଣ୍ଠ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଜଣେ ସକ୍ରିୟ କର୍ମୀ ଭାବରେ ଅଂଶ ଗ୍ରହଣ କରି ୩ ଥର ହଜାରୀ ବାଗ ଜେଲରେ କାରାବରଣ କରିଥିଲେ । କେନ୍ଦ୍ର ବିଧାନ ସଭା ଓ ଓଡ଼ିଶା ବିଧାନ ସଭାରେ ତାଙ୍କର ଓଜସ୍ୱିନୀ ଭାଷଣ ଅନେକଙ୍କୁ ଦେଶସେବା ଆଡ଼କୁ ମୁହାଁଇଥିଲା । ସେ ଏକାଧାରରେ ଜଣେ ଦେଶ ସେବକ, ସୁବକ୍ତା, ସୁଲେଖକ, ବାଗ୍ମୀ ଓ ଭାଷାବିତ ଥିଲେ । ଜଣେ ସକ୍ରିୟ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଛୁଆଁ ଅଛୁଆଁ ଭେଦଭାବ ଓ ନାନାଦି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଜାତିଭେଦ ମାନୁନଥିଲେ ଓ ନିଜ ଛାତ୍ରମାନଙ୍କୁ ମଧ୍ୟ ସେହି ଶିକ୍ଷା ଦେଉଥିଲେ । ସେ ବହୁ ପୁରସ୍କାର ପାଇଥିଲେ ବିଭିନ୍ନ କ୍ଷେତ୍ରରେ। ତନ୍ମଧ୍ୟରୁ ପଦ୍ମ ଭୂଷଣ- ୧୯୬୦, ସାହିତ୍ୟ ଏକାଡେମୀ ପୁରସ୍କାର - ୧୯୬୩ ଓ ଉତ୍କଳ ଗୁରୁ ଉପାଧି - ୧୯୫୧ ଅନ୍ୟତମ। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋଚାନସେଲର ପଦ ମଧ୍ୟ ଅଳଙ୍କୃତ କରିଥିଲେ। ୧୯୫୫ ରେ ପଣ୍ଡିତ ନୀଳକଣ୍ଠଙ୍କୁ ସମ୍ମାନିତ ଡି.ଲିଟ୍ ଉପାଧ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇଥିଲା। ୧୯୬୭ ମସିହା ନଭେମ୍ବର ୬ ତାରିଖ ଦିନ ତାଙ୍କର ତିରୋଧାନ ଘଟିଥିଲା। ପଣ୍ଡିତ ଗୋପବନ୍ଧୁଙ୍କ ସହକର୍ମୀ, ସତ୍ୟବାଦୀ ବନବିଦ୍ୟାଳୟର ପ୍ରବୀଣ ଶିକ୍ଷକ, ଓଡ଼ିଶାର ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ମନୀଷୀ ଭାବେ ପଣ୍ଡିତ ନୀଳକଣ୍ଠ ସଦାସର୍ବଦା ଓଡ଼ିଶାର ଜନ ମାନସରେ ଚିର ସ୍ମରଣୀୟ ହୋଇ ରହିଛନ୍ତି ଆଉ ରହିବେ ମଧ୍ୟ ।

# ଶ୍ରାଦ୍ଧ




ଗୀତାରାଣୀ ପୁରୀ

ଭୁବନେଶ୍ୱର


ପୌରାଣିକ ମତରେ ପ୍ରତି ବର୍ଷ ଆଶ୍ୱିନ ମାସରେ ଅପର ପକ୍ଷ ପିତୃ ତର୍ପଣ ଆରମ୍ଭ ହୋଇଥାଏ । ଏହି ସମୟରେ ସମସ୍ତେ ପିତୃଙ୍କ ଉଦ୍ଦେଶ୍ୟ ରେ ଶ୍ରାଦ୍ଧ ଦେଇଥାନ୍ତି । ପଣ୍ଡା ପୁରୋହିତଙ୍କୁ ଡାକି ଘରେ ପିଣ୍ଡ ଦାନ କରି ବ୍ରାହ୍ମଣ ଭୋଜନ କରିବା, ଦକ୍ଷିଣା ଦେବା, ସାଇ ପଡିଶା ତଥା ସମ୍ପର୍କୀୟ ଲୋକ ମାନଙ୍କୁ ଡାକି ଭୋଜି ଭାତ କରି ଥାନ୍ତି. ଏହା ଛଡା ପୁରୋହିତଙ୍କୁ ମଧ୍ୟ ଅନ୍ନବସ୍ତ୍ର, ଧନରତ୍ନ, ଗୋରୁ ଗାଈ ଇତ୍ୟାଦି ଦାନ କରିଥାନ୍ତି । ମାତ୍ର ଏହାକୁ ଚିନ୍ତା କଲେ ମନରେ ପ୍ରଶ୍ନ ଆସେ, ବାସ୍ତବରେ ମୃତ ପିତା ମାତାଙ୍କ ପାଇଁ ଏହା କଣ ଉଚିତ ଶ୍ରାଦ୍ଧ । ଜୀବିତ ମାତା ପିତା, ପିତାମହ ପିତାମହୀ, ତଥା ନିଜ ଠାରୁ ବଡ ଗୁରୁଜନ ମାନଙ୍କୁ ଶ୍ରଦ୍ଧା ବା ଭକ୍ତିର ସହିତ ସେବା ଶୁଶ୍ରୁଷା କରିବାକୁ ହିଁ ପିତୃ ଶ୍ରାଦ୍ଧ କୁହାଯାଏ. ବୈଦିକ ରୀତି ଅନୁସାରେ ଆମେ ପୁନର୍ଜନ୍ମରେ ବିଶ୍ୱାସ କରୁ । ତେଣୁ ମୃତ୍ୟୁ ପରେ ଜୀବ ନିଜର ଶୁଭାଶୁଭା କର୍ମ ଫଳ ଅନୁଯାୟୀ ଈଶ୍ୱରଙ୍କ ନ୍ୟାୟରେ ପୁନର୍ଜନ୍ମ ଲାଭ କରି ଥାଏ । ପ୍ରେତ ନାମକ କୌଣସି ଆତ୍ମା ମଧ୍ୟ ରହେ ନାହିଁ । ତେଣୁ ମୃତ୍ୟ ପରେ ପିତୃ ଶ୍ରାଦ୍ଧର କିଛି ଆବଶ୍ୟକତା ପଡି ନଥାଏ । ପଦ୍ମପୁରାଣ, ଗରୁଡ଼ ପୁରାଣ ଇତ୍ୟାଦିରେ ବର୍ଣ୍ଣିତ ହୋଇଥିବା କଥାକୁ ବିଶ୍ୱାସ କରି ଆମ ସମାଜର ଲୋକମାନେ ପାକ୍ଷିକ, ବାର୍ଷିକ, ମାସିକ ଓ ଅମାବାସ୍ୟା ଆଦିରେ ପିଣ୍ଡ ଦାନ କରି 'ଅର୍ଥ 'ଶ୍ରାଦ୍ଧ ହିଁ କରି ଥାନ୍ତି ଆଜିକାଲି ଦେଖାଯାଉଛି ସନ୍ତାନ ମାନେ ପିତା ମାତାଙ୍କୁ ଜୀବିତ ଅବସ୍ଥାରେ ଆଦର, ସ୍ନେହରୁ ବଂଚିତ କରି ତାଙ୍କର ମୃତ୍ୟୁ ପରେ ବହୁ ଆଡମ୍ବରରେ ଶ୍ରାଦ୍ଧ କ୍ରିୟା ସମାପନ କରୁଛନ୍ତି । ଯେଉଁ ପିତା ମାତା ବହୁ କଷ୍ଟ ସ୍ୱିକାର କରି ମଧ୍ୟ ନିଜ ସନ୍ତାନର ଉନ୍ନତି ଦିଗରେ ତିଳେ ମାତ୍ର ହେଳା କରି ନାହାନ୍ତି, ବୃଦ୍ଧ ଅବସ୍ଥାରେ ନିଜର ଶାରୀରିକ ଅସୁସ୍ଥତା ପାଇଁ ସନ୍ତାନ ମାନଙ୍କ ଠାରୁ ସେବା, ଆଦର ଆଶା କରିଥାନ୍ତି, ମାତ୍ର ତାହା ସେମାନଙ୍କୁ ମିଳେ ନାହିଁ । ପୁତ୍ର,ପୁତ୍ର ବଧୂଙ୍କ ପାଖରେ ମଧୁର ବଚନ ପଦେ କହିବା ପାଇଁ ସମୟ ନାହିଁ । ସେବା ତ ଦୂରର କଥା । ବିଷୟା ବ୍ୟସନ ରେ ମଜି ରହି ଆଜିର ଦୁନିଆଁରେ ଆମେ ସମସ୍ତେ ଅନ୍ଧ ହୋଇ ଯାଇଛନ୍ତି । ଶେଷରେ ପିତା ମାତାଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛନ୍ତି । ଏହା କଣ ପିତୃ ଶ୍ରାଦ୍ଧର ନମୁନା । ସାଧାରଣ ଲୋକେ କହନ୍ତି -

'ବଞ୍ଚିଲା ବେଳେ ନଦେଲୁ ତୁଣ୍ଡରେ, ମଲା ପରେ ଦେବୁ ବେଣା ମୁଣ୍ଡରେ'

ବାସ୍ତବିକ ଆମମାନଙ୍କ ଭଳି ଶିକ୍ଷିତ ସଭ୍ୟ ବ୍ୟକ୍ତି ମାନଙ୍କ ଠାରେ ଏହା ଶୋଭା ପାଏ ନାହିଁ । ଗୟାରେ ଶ୍ରାଦ୍ଧ ଦେଲା ପରେ ଆସି ପୁରୀରେ ପଣ୍ଡାଙ୍କୁ ଭୋଜନ ଦାନ କରିବା ପୁଣି ଘରେ ଆସି ସୁଫଳି କରିବାରେ ମାନେ କିଛି ନଥାଏ ବୋଲି ଅନ୍ତର କହୁଛି. ମହର୍ଷି ଦୟାନନ୍ଦ ସରସ୍ୱତୀ ଙ୍କର 'ପଞ୍ଚ ମହାଯଜ୍ଞବିଧି'ରେ ପିତୃଯଜ୍ଞ ପାଞ୍ଚଟି ମହାଯଜ୍ଞ ମଧ୍ୟରେ ତୃତୀୟ ବିଧି ଅଟେ । ଅର୍ଥାତ ମାତା, ପିତା ତଥା ବୟୋଜ୍ୟେଷ୍ଠଙ୍କ ସତ୍କାର କରିବା । ପ୍ରତ୍ୟେକ ଗୃହସ୍ଥ ଙ୍କର ଏହାକୁ ପାଳନ କରିବା ଉଚିତ । ତର୍ପଣ କଣ ! 'ତର୍ପଣ' ଅର୍ଥ ହେଲା ତୃପ୍ତି ।

ପିତୃ ପୁରୁଷଙ୍କ ସନ୍ତୋଷ ବା ତୃପ୍ତି ପାଇଁ ଜୀବିତ ଅବସ୍ଥାରେ ଯାହା କରାଯାଏ ତାହା ତର୍ପଣ ଅଟେ । ପିତା ମାତାଙ୍କର ଇଚ୍ଛା ଅନୁସାରେ ସନ୍ତାନ ଦାନ ଧର୍ମ ବା କିଛି ଭଲ କାମ କରିଲେ ତାହା ସେମାନଙ୍କ ପାଇଁ ବଡ ଶ୍ରାଦ୍ଧ ହୋଇ ଥାଏ। ବୟସାଧିକ ଯୋଗୁଁ ସେମାନଙ୍କୁ ମୂଲ୍ୟହୀନ, ଅପଦାର୍ଥ, ଅଦରକାରୀ ବୋଲି ଭାବିବା ଅନୁଚିତ । ଯଥା ସମ୍ଭବ ସେମାନଙ୍କର କଥାକୁ ଗୁରୁତ୍ୱ ଦେବା, ସେବାଶୁଶ୍ରୁଷା କରିବା ଆଉ ତାଙ୍କ ମନରେ ଦୁଃଖ ହେଲା ଭଳି କିଛିବିକୁ କର୍ମରେ ଲିପ୍ତ ନରହିବା ହିଁ ତାଙ୍କ ପ୍ରତି ଶ୍ରାଦ୍ଧ ବା ତର୍ପଣ ଅଟେ । ପୁତ୍ର କନ୍ୟାର କାର୍ଯ୍ୟ କଳାପରେ ମାତା ପିତା ନିଜକୁ ଧନ୍ୟଭାବିବା, ଗର୍ବ ଅନୁଭବ କରିବା ଦ୍ୱାରା ସନ୍ତାନର ଆୟୁ, ଯଶ ବଳ ବୃଦ୍ଧି ହୋଇଥାଏ । ଏଥିରେ ସନ୍ଦେହ ନାହିଁ । ସୁତରାଂ ଆମେ ନିଜର ବିବେକ ଓ ବୁଦ୍ଧି ଅନୁଯାୟୀ ଶ୍ରାଦ୍ଧର ଅର୍ଥକୁ ହୃଦୟଙ୍ଗମ କରି ପିତୃ ଯଜ୍ଞକୁ ଆପଣେଇଲେ ଆଶ୍ରିବାଦ ଲାଭ କରିବାର ପଥ ସୁଗମ ହୋଇ ପାରିବ । ଏତଦ ବ୍ୟତୀତ ଆମ ପର ପୀଢ଼ି ମଧ୍ୟ ଏହାକୁ ଅନୁସରଣ କରି ଆମ ଜୀବନକୁ ସାର୍ଥକ କରିବାରେ ସହାୟକ ହେବେ ।




## କୃଷିଭିତ୍ତିକ ପର୍ବ...

କସ୍ତୁରୀ ଚରଣ ରାଉତ



ବାରମାସେ ତେର ପର୍ବ
ଓଡିଶାବାସୀଙ୍କ ଗର୍ବ
ପିଲାଠାରୁ ବୁଢ଼ା ସର୍ବେ ପାଳନ୍ତି ହସି
କୋଟି ଓଡ଼ିଆଙ୍କ ନେତା
ଅଟନ୍ତି ଦାରୁ ଦେବତା
ନୀଳକନ୍ଦରରେ ଭ୍ରାତା ଭଗିନୀ ବସି
ଶୁଣନ୍ତି ଦୁଃଖୀର ଗୁହାରି
ସବୁ ପରବର ସ୍ରଷ୍ଟା ସେ ଦୁଃଖହାରୀ ।
ଅକ୍ଷୟ ତୃତୀୟା ଦିନ
ଚାଷୀ ବୁଣଇ ବିହନ
ଅନୁକୂଳ କରେ ଧାନ ସପନ ଭରି
ଚାଷୀ ମନରେ ହରଷ ପାଇ
ଧାନର ପରଶ
ଖୁସିରେ ବିତୁ ବରଷ ଡାକେ ଶ୍ରୀହରି
ଚିତା ପକା ଗଉଣି ଧରି
ବିଲରେ କରଇ ପୂଜା ଭକତି କରି ।

ରଜ ପରବ ଆସଇ
ପିଠାପଣାରେ ଭାସଇ
ସବୁଠି ଖୁସି ବାସଇ ପଲ୍ଲୀ ଜୀବନେ
ବସୁମତୀ ରଜସ୍ୱଳା ହୁଏ ସୁଜଳା ସୁଫଳା
ସଜବାଜ ପଲ୍ଲୀବାଳା ଆନନ୍ଦ ମନେ
ଚଷାପୁଅ ବିଶ୍ରାମ କରେ
ଉତ୍ପାଦନକ୍ଷମ ଧରା ପରବ ପରେ
ଆସିଲେ ଧାରା ଶ୍ରାବଣ
ଘାସବଛା ବେଉଷଣ
ଭୁଲି ଯେତେକ କଷଣ କୃଷକ ଭାଇ
ଧାନକ୍ଷେତ ବିଲବାଡ଼ି
ଚିତଉ ପିଠା ପୋପାଡ଼ି
ଗେଣ୍ଡାକୁ ଦେଲେ ବି ମାଡ଼ି କାଟନ୍ତି ନାହିଁ
ବିଶ୍ୱାସ ରହିଛି ପରା
ବରୁଣଙ୍କ ପୂଜା ଯୋଗୁଁ ହସଇ ଧରା ।
ଗର୍ଭଣା ସଂକ୍ରାନ୍ତି ପରେ
ଧାନ ଗଛ ଗର୍ଭ ଧରେ

ଖୁସି କହିଲେ ନସରେ ଚାଷୀର ମନ
ଆଗେ ବୁଣୁ ପଛେ ବୁଣୁ
ଗର୍ଭଣାକୁ ଟୁଣୁଟୁଣୁ
ଗୀତ ଗାଇ ଗୁଣୁଗୁଣୁ ଦେଖେ ସପନ
ଗରଭଣା ଡାଳକୁ ପୋତି
ଭଲ ଫସଲ ପାଇଁକି ପୂଜା କରନ୍ତି ।
ପଶ୍ଚିମ ଓଡ଼ିଶା ସାରା
ଲାଗିଥାଏ ଧରାପରା
ନବାନ୍ନ ପରବେ ପରା ହସଇ ପଲ୍ଲୀ
ନୂଆଧାନ ଲାଗିକରେ
ଇଷ୍ଟ ଦେବତା ସୁମରେ
ପିଠାପଣା ଘରେ ଘରେ ଯାଏ ଚହଲି
ବଡଙ୍କୁ ଜୁହାର କରନ୍ତି
ମାନ ଅଭିମାନ ଭୁଲି ମନ ଭରନ୍ତି ।
ମାର୍ଗଶୀରେ ଲକ୍ଷ୍ମୀପୂଜା ହୁଏ
ଘରଦ୍ୱାର ସଜା
ଉଡ଼ଇ ଫସଲ ଧ୍ୱଜା ଅମଳ ପରେ
ଧନଧାନ୍ୟେ ପୂର୍ଣ୍ଣ ଘର
ହସେ ସଭିଙ୍କ ଅମାର
ଆରାଧନା ଲକ୍ଷ୍ମୀଙ୍କର ଭକତିଭରେ
କରିଥାଏ ଚାଷୀ ଘରଣୀ
କୃଷି ପରବରେ ହସିଥାଏ ଧରଣୀ ।


+ ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ଦେଓଗାଁ, ବଲାଙ୍ଗିର
(ମୋ)୮୯୧୭୩୯୭୩୪୮


## ଶ୍ରାବଣ ଗୋ ତୁମେ

ବିଜୟଲକ୍ଷ୍ମୀ ପାଣିଗ୍ରାହି



ଶ୍ରାବଣ ଗୋ ତୁମେ
କଥାଦେଇଥିଲ
ଭିଜାଇବା ପାଇଁ
ଝରୁଥିବା ନିରନ୍ତର।
ଡହଳ ବିକଳ
ହେଉଛି ପରାଣ
କଲ କିଆଁ ସାତ ପର।

ଶ୍ରାବଣ ଗୋ ତୁମେ
ଚିଠି ଲେଖିଥିଲ
ଆସୁଅଛ ବୋଲି,
ଭୁଲିଗଲ କିବା ପଥ।
ଅଭ୍ୟର୍ଥନା ପାଇଁ
ଆକାଂକ୍ଷିତ ମନ
ଅଗଣା ମୋ ସୁସଜ୍ଜିତ।

ଶ୍ରାବଣ ତୁମେ କି
ଡରି ଫେରିଗଲ
କରୋନା ହୋଇଲେ
କ୍ୱରେଣ୍ଟାଇନରେ ରହିବ
ସହି ପାରିବ କି
ପୃଥିବୀ କଷଣ
ଶୁଖା ମୁହଁ ଦେଖୁଥିବ।

ଶ୍ରାବଣ ଗୋ ତୁମେ
ଝରିଯାଅ ଆସି
ଦୂରତା ଦେବନି ବାଧା
ଭିଜିବାର ମୋହ
ତୁମ ଅପେକ୍ଷାରେ
ଜୀବନ ନେଲାଣି ଅଧା।


+ ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର, କୋରାପୁଟ
(ମୋ)୮୨୪୯୪୫୦୦୫୦




## ଜହ୍ନର ଜନମ ଦିନ

ସିଦ୍ଧେଶ୍ୱର ତ୍ରିପାଠୀ



ଆକାଶେ କୋଟିଏ ତାରା ଝଲସନ୍ତି
ହେଲେ ମନ କିଣେ ଜହ୍ନ
ସବୁଠୁ ନିଆରା ଫୁଲେଇ ଟିଏ ସେ
ଆଜିତା ଜନମ ଦିନ ।

ଜୋଛନା ରଜନୀ ପାଖରେ ସଜନୀ
ଲାଜ ଲାଜ ଦୁଇ ଆଖି
ଅଭିମାନ ହଜେ ପ୍ରେମରେ ସେ ମଜେ
ଏ ଛାତିରେ ଯାଏ ଲାଖି ।

ଅବୁଝା ହୋଇସେ ଦୂରେ ଚାଲିଯାଏ
କରେ କେତେ ଅଭିମାନ
ସବୁଠୁ ନିଆରା ଫୁଲେଇ ଟିଏସେ
ଆଜି ତା ଜନମ ଦିନ ।

ଆଲୁଅ ପକ୍ଷରେ ବଜେଇଥିଲା ସେ
ମଧୁ ମଳୟର ସୂର
ଅନ୍ଧାର ପକ୍ଷରେ ଫିକା କରିଗଲା
ସବୁ ସପନକୁ ମୋର ।

ସଂଜ୍ଞା ବିହୀନ ସମ୍ପର୍କ ଆମର
ତଥାପି ଝୁରୁଛି ମନ
ସବୁଠୁ ନିଆରା ଫୁଲେଇ ଟିଏ ସେ
ଆଜି ତା ଜନମ ଦିନ ।


+ କବିର ଘର
କୁଣ୍ଡିଲୋ ଖୋର୍ଦ୍ଧା

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ


ଡ. ସିନ୍ଧୁ ସେନ




ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

### ଭାଗ-୨୬

ନା ନା କର୍ଣ୍ଣ ପାଇଁ ଏହା ସମ୍ଭବ ନୁହେଁ। ହୋଇପାରେ ମୋ ତରୁଣ ମନର କ୍ଷଣିକ ଦୁର୍ବଳତା ମାତ୍ର । ମୋତେ ତେଣୁ ଏ ବନ୍ଧନରୁ ମୁକୁଳିବାକୁ ପଡ଼ିବ। ଅଭିମାନୀ କର୍ଣ୍ଣର ଲକ୍ଷ୍ୟ ତ ଅନେକ କିଛି। ମୋତେ ଅପେକ୍ଷା କରିରହିଛି ମୋର ବିଶାଳ କର୍ମକ୍ଷେତ୍ର ହସ୍ତିନାପୁର। ଯାହା ମୋର କର୍ମଭୂମି, ତୀର୍ଥଭୂମି, ମୋତେ ତେଣୁ ଶୀଘ୍ର ହସ୍ତିନାପୁର ଫେରିଯିବାକୁ ପଡ଼ିବ।

କୁରୁବଂଶର ରାଜଧାନୀ ହସ୍ତିନାପୁର। ଯାହାର ରହିଛି ଏକ ମହାନ୍ ଐତିହ୍ୟ। ବହୁ ବୀରପୁରୁଷଙ୍କ ଶୌର୍ଯ୍ୟରେ ମଣ୍ଡିତ ହସ୍ତିନାପୁର। ହୋଇପାରେ ମୁଁ ଜଣେ ସାମାନ୍ୟ ରାଜସାରଥି ଅଧିରଥଙ୍କ ପୁତ୍ର। ତଥାପି ରାଜକୁମାର ମାନଙ୍କ ଭଳି ବିଦ୍ୟାଶିକ୍ଷା କରିଛି, ସମଗ୍ର ଆର୍ଯ୍ୟାବର୍ତ୍ତରେ ଅଳ୍ପ କେତେଜଣ କ୍ଷତ୍ରିୟ ଯୋଦ୍ଧାମାନଙ୍କ ସହ ମୁଁ ସମକକ୍ଷ ହୋଇପାରିଛି। ମୁଁ ଏବେ ଆଉ ଜଣେ ସାଧାରଣ ସୈନିକ ନୁହଁ, ବୀର ଯୋଦ୍ଧା। ଏଠୁ ଫେରିଗଲା ପରେ ମୁଁ ପରିଚିତ ହେବି ଜଣେ ରଥୀ ଅଥବା ଅତିରଥୀ ଭାବରେ। ମୋର ଏ ସୌଭାଗ୍ୟ ମୋ ବାପାଙ୍କ ପାଇଁ। ବାପା ନିଶ୍ଚିତ ମୋ ପାଇଁ ଉଲ୍ଲସିତ ହେଉଥିବେ। ରାଧାମାଆ ମୋ ଫେରିବା ବାଟକୁ ଅନେଇ ବସିଥିବେ। ଏସବୁ ଚିନ୍ତାକରି ମାମୁଘର ଗାଁରେ ମୋର ଆଉ ମନ ଲାଗୁ ନଥିଲା। ଏବେ ବି ମୁଁ ପିତା ହୋଇନି। କିନ୍ତୁ ମୋ ମାତାପିତାଙ୍କଠାରୁ ଏତିକି ଜାଣିଛି ପିତାପୁତ୍ର ମଧ୍ୟରେ ଗୋଟିଏ ଆତ୍ମା ଦୁଇଟି ଶରୀର। ସନ୍ତାନର ଚିରସୁଖ କାମନା କରୁଥିବା ମୋର ପିତା ମୋ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ। ଆଉ ମୋର ରାଧା ମାତା, ସେ ତ ମୋ ପାଇଁ ଏକ ଉଜ୍ଜ୍ୱଳ ଦୀପାଲୋକ। ବିଦେଘପ୍ରସ୍ଥର ପଦ୍ମବନରେ ଚଞ୍ଚଳନୟନା ପଦ୍ମାଙ୍କ ପାଖରେ ଅଟକିଯିବା ମୋ ପକ୍ଷରେ ଶୋଭା ପାଏନା। ମୋତେ ଖୁବ୍ ଶୀଘ୍ର ମାମୁଘର ଗାଁ ଛାଡ଼ିବାକୁ ପଡ଼ିବ।

ମୋର ହସ୍ତିନା ଫେରିଯିବା ନିଶ୍ଚିତ ଏହା ମୁଁ ମାମୁଙ୍କୁ ଜଣାଇଦେଲି। ମାମୁ, ମାଇଁ କିନ୍ତୁ ମୋତେ ଏତେ ଶୀଘ୍ର ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ରତସେନ ମଧ ଅନୁରୋଧ କରୁଥିଲେ ଆଉ କିଛିଦିନ ରହିଯିବା ପାଇଁ। ଜାଣେନା, ପଦ୍ମା ମନରେ କି ପ୍ରତିକ୍ରିୟା ହେଉଥିବ। ତାର ମୌନ ମନର ଭାଷା ମୁଁ କିନ୍ତୁ ବେଶ୍ ବୁଝିପାରୁଥିଲି ।

ସେଦିନ ଗ୍ରାମବାସୀମାନେ ମୋତେ ଘେରି ବସିଥିଲେ । ମୋତେ ବିଦାୟ ଦେବାପାଇଁ ଗ୍ରାମର ମୁଖ୍ୟ ରତସେନ ଏକ ସଭା କରିଥିଲେ। ଅନେକ ଫୁଲମାଳ ଦେଇ ମୋତେ ବୀରର ପ୍ରଶଂସାରେ ପୋତି ପକାଇଲେ । ମୋ ମନରେ କିନ୍ତୁ ସେସବୁ ପାଇଁ ଆଗ୍ରହ ନଥିଲା । ମୋ ମନ ପ୍ରାଣ ଲାଗି ରହିଥିଲା, ହସ୍ତିନାପୁରରେ, ଚମ୍ପାପୁରରେ। କେବେ ବାପା, ମାଆଙ୍କୁ ଭେଟିବି ସେ ନେଇ ବ୍ୟାକୁଳ ହେଉଥିଲା ମୋ ପ୍ରାଣ। କାଳବିଳମ୍ବ ନକରି ସମସ୍ତଙ୍କଠାରୁ ବିଦାୟ ନେଇ ହସ୍ତିନା ଅଭିମୁଖେ ଯାତ୍ରା କଲି।

- ଚବିଶ -

ହସ୍ତିନାପୁର, ମୋ ବାପାଙ୍କ କର୍ମଭୂମି, ମୋର ମଧ। ମାମୁଘର ଗାଁକୁ ବୁଲିବାକୁ ଆସି ବେଶ୍ କିଛିଦିନ ଏଠି ଅଟକିଗଲି ସତ। ହେଲେ ମୋ ମନ ରହିଥିଲା ହସ୍ତିନାପୁରରେ। କେମିତି ଶୀଘ୍ର ସେଠି ପହଞ୍ଚିବି, ବାପାଙ୍କୁ ଭେଟିବି ସେଇ ଚିନ୍ତାରେ ବିବ୍ରତ ଥିଲି ମୁଁ ।

ଯଥାସମୟରେ ହସ୍ତିନାପୁରରେ ପାଦ ଦେଲି। ବାପାଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇ ଆଚାର୍ଯ୍ୟ ପରଶୁରାମଙ୍କ ଆଶ୍ରମରେ ଅର୍ଜନ କରିଥିବା ବିଦ୍ୟା ସଂପର୍କରେ ଅବଗତ କରାଇଲି। କହିଲାବେଳେ ମନକୁ ମନ ବେଶ୍ ଗର୍ବ ଅନୁଭବ କରୁଥିଲି। ଦେଖିଲି, ମୋର କୃତିତ୍ୱରେ ବାପା ଆହୁରି ଅନେକ ବେଶି ଉତ୍‌ଫୁଲ୍ଲିତ। ମୋତେ ଆଲିଙ୍ଗନ କରି ମୋ ଶିରଦେଶକୁ ଚୁମ୍ବନ କରି ମୋତେ ଆଶୀର୍ବାଦ ଢାଳି ଦେଉଥାନ୍ତି। ମୁଁ ଯେ ଅନେକ ବିଦ୍ୟାରେ ଧୂରୀଣ ହୋଇପାରିଛି। ଏହା ଜାଣିପାରି ସେ ଖୁବ୍ ଉଲ୍ଲସିତ ହୋଇ ଉଠୁଥିଲେ। କିଛିସମୟ ପିତାପୁତ୍ର ଦୁହେଁ ସୁଖ ଦୁଃଖରେ ମାତି ଯାଇଥିଲୁ। ଶେଷରେ ବାପାଙ୍କ ବାହୁବନ୍ଧନରୁ ନିଜକୁ ମୁକ୍ତକରି କହିଲି, ବାପା ମୋର ମାଆଙ୍କୁ ବହୁତ ମନେପଡୁଛି। ମନ ହେଉଛି ଗାଁକୁ ଯାଇ ମାଆଙ୍କୁ ଟିକିଏ ଦେଖି ଆସିବାକୁ। ମୋତେ ଏତେଦିନ ଧରି ନ ଦେଖି ସେ ମଧ ବ୍ୟସ୍ତ ହେଉଥିବେ । ମୁଁ ଗାଁକୁ ଯିବି ବାପା।

ସେ କଥା ଠିକ୍ ଯେ, ହେଲେ ଏବେ ନୁହେଁ। ଆଉ କିଛିଦିନ ଅପେକ୍ଷା କର। ଅପେକ୍ଷା କରିବି, କାହିଁକି ?

କାହିଁକି ନା, ଏବେ ହସ୍ତିନାପୁରରେ ରାଜକୁମାର ମାନଙ୍କର ଅସ୍ତ୍ରପରୀକ୍ଷା ହେବ। ସେଥିପାଇଁ ଏଠି ସମସ୍ତେ ବ୍ୟସ୍ତ। ମୋତେ ମଧ ସେଠି କିଛି ଦାୟିତ୍ୱ ଦିଆଯାଇଛି।

ସତରେ, ତେବେ ତ ଖୁବ୍ ଭଲ ହେବ। ମୁଁ ମଧ ତୁମ ସହ ଯିବି। କ'ଣ କହୁଛ ମୋତେ କ'ଣ ସଂଗରେ ନେବନି ?

ତୋର ସେଠାକୁ ଯିବାର ଆପତ୍ତି ନାହିଁ ପୁତ୍ର। ତେବେ ମନେରଖ। ତୁ ସେଠାରେ କେବଳ ଦର୍ଶକଟିଏ ମାତ୍ର ହୋଇ ଦେଖିପାରିବୁ। କିନ୍ତୁ ଅସ୍ତ୍ର ପରୀକ୍ଷାରେ ସେମାନଙ୍କ ସହ ଭାଗ ନେଇପାରିବୁ ନାହିଁ। କାରଣ, ତୁ ସେମାନଙ୍କ ଭଳି ରାଜପୁତ୍ର ନୁହଁ, ସୂତପୁତ୍ର। ମୁଁ ଲକ୍ଷ୍ୟ କରୁଥିଲି ଏଇ ସୂତପୁତ୍ର ଶବ୍ଦଟି ଉଚ୍ଚାରଣ କଲାବେଳେ କଣ୍ଠସ୍ୱର ତାଙ୍କର ଅଭିମାନରେ ବାଷ୍ପରୁଦ୍ଧ ହୋଇ ଯାଉଥିଲା ଯେମିତି।

ସୂତପୁତ୍ର ! ସୂତପୁତ୍ର !! ସୂତପୁତ୍ର !!! ଏହି ସୂତପୁତ୍ର ଶବ୍ଦଟି ମୋ ଭାଗ୍ୟ ସହ ଏଭଳି ଜଡ଼ିତ ଯେ, ପ୍ରତିକ୍ଷେତ୍ରରେ ମୋତେ ଏଥିପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିଲା। କାହାକୁ କହିବି, କିଏ ବୁଝିବ ମୋର ଅନ୍ତର୍ଦ୍ୱନ୍ଦ୍ୱକୁ। ବାପାଙ୍କ ମାନସିକ ଦ୍ୱନ୍ଦ୍ୱକୁ ମୁଁ ବେଶ୍ ବୁଝି ପାରୁଥିଲି। ମୋ କଣ୍ଠରେ ମଧ ଅସମ୍ଭବ ଜଡ଼ତା, ତାକୁ କୌଣସି ପ୍ରକାରେ ଚାପିରଖି କହିଲି।

ମୋ ଭାଗ୍ୟ ତ ସେମିତି। ସବୁଠି ସେଇ ସୂତପୁତ୍ରର ଲାଞ୍ଛନାରେ ଜର୍ଜରିତ ମୋ ତନୁପ୍ରାଣ। ମୋ ଅନ୍ତର୍ମନ କହୁଥିଲା ବୀରତ୍ୱର ମାପକାଠି କେବଳ କ'ଣ କୁଳଗୋତ୍ରକୁ ନେଇ। ମୁଁ କର୍ଣ୍ଣ। ସମୟ ଆସିଲେ ଦେଖାଇଦେବି ସୂତପୁତ୍ର ମଧ କ'ଣ ନ କରିପାରେ।

ମୋର ବିଷର୍ଣ୍ଣ ବଦନକୁ ଚାହିଁ ବାପା ବୋଧେ କିଛି ଅନୁମାନ କରିପାରୁଥିଲେ । ତେଣୁ ମୋତେ ସାନ୍ତ୍ୱନା ଦେବାକୁ ଯାଇ କହିଲେ, ବାପା ବସୁ, ଭାଂଗିପଡ଼ନି। ତୋ ବୀରତ୍ୱକୁ କେହି ସ୍ୱୀକାର କରୁ କି ନକରୁ। ଯେଉଁ ପୌରୁଷ ବଳରେ ତୁ ଏତେବାଟ ଆଗେଇ ଆସିପାରିଛୁ, ତାହାରି ବଳରେ ଆହୁରି ଆଗକୁ ଆଗକୁ ଆଗେଇଯାଅ। ଆଶୀର୍ବାଦ କରୁଛି, ତୁ ଦିନେ ମହାବୀର ହେବୁ, ଯଶସ୍ୱୀ ହେବୁ।

ଏକ ନିର୍ଦ୍ଦିଷ୍ଟ ତିଥି, ବାରରେ ହସ୍ତିନାପୁରରେ ଅସ୍ତ୍ରପରୀକ୍ଷା ଉତ୍ସବ ଅନୁଷ୍ଠିତ ହେଲା। ସେଥିପାଇଁ ପୂର୍ବପ୍ରସ୍ତୁତି ସବୁ ଶେଷ ହୋଇ ସାରିଥାଏ। ରାଜକୁମାର ମାନଙ୍କର ଅସ୍ତ୍ରସ୍ପର୍ଦ୍ଧା ପ୍ରଦର୍ଶିତ ହେବ। ଏ ଉତ୍ସବ ସାଧାରଣ ଉତ୍ସବ ନୁହେଁ। ସମଗ୍ର ହସ୍ତିନାପୁରବାସୀଙ୍କ ପାଇଁ ଏକ ବିଶିଷ୍ଟ ଉତ୍ସବ। ଯେଉଁମାନେ ହସ୍ତିନାପୁର ରାଜ୍ୟର ଭବିଷ୍ୟତ। ସେମାନଙ୍କର ବୀରତ୍ୱ ପ୍ରଦର୍ଶିତ ହେବ ସର୍ବସମ୍ମୁଖରେ। ଉପସ୍ଥିତ ବୀରମାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠବୀର ହେବ ତାଙ୍କୁ ସ୍ୱୟଂ ଗୁରୁଦେବ ନିଜ ହାତରେ ସମ୍ବର୍ଦ୍ଧିତ କରିବେ। ମହାରାଜଙ୍କ ତରଫରୁ ଦିଆଯିବ ପୁରସ୍କାର ସ୍ୱରୂପ ଏକ ସ୍ୱର୍ଣ୍ଣମୁକୁଟ। ସମସ୍ତଙ୍କ ମନରେ ପ୍ରବଳ ଉତ୍କଣ୍ଠା। କିଏ ସେହି ବୀର । ଯିଏ ହେବ ସେ ସୌଭାଗ୍ୟର ଅଧିକାରୀ।

ହେଲେ ମୋର ଏସବୁ ଭାବି ଲାଭ କ'ଣ ? ମୋର ତ ସେଥିରେ ଭାଗ ନେବାର ଅଧିକାର ନାହିଁ। ନିରବ ଦର୍ଶକଟିଏ ମାତ୍ର। ବିଦ୍ୱେଷୀ ମନ ମୋର ବିଦ୍ରୋହୀ ହୋଇ ଉଠୁଥିଲା। ବୀର ରକ୍ତ ମୋର ତାତି ଉଠୁଥିଲା। ଭାବୁଥିଲି, ସେଠିକୁ ମୋର ଯିବା ଠିକ୍ ହେବ କି ନା। ପରମୁହୂର୍ତ୍ତରେ ମନ ମୋର ଅସ୍ଥିର ହୋଇ ଉଠୁଥିଲା। କିଛି ନହେଲେ ବି, ଅର୍ଜୁନଙ୍କ ଅସ୍ତ୍ରସ୍ପର୍ଦ୍ଧା ତ ଦେଖିବାର ସୁଯୋଗ ପାଇପାରିବି। ତାଛଡ଼ା ମୋର ନିଜର



ବୀରତ୍ୱର ଆକଳନ ମଧ କରିପାରିବି।

ଅସ୍ତ୍ରପରୀକ୍ଷା ଆରମ୍ଭ ହେବାର ନିର୍ଦ୍ଦିଷ୍ଟ ସମୟସୀମା ଆଗରୁ ବାପା ଚାଲି ଯାଇଥିଲେ। ଗଲାବେଳେ ମୋତେ କହି ଯାଇଥିଲେ, ପୁତ୍ର ବସୁ, ମୁଁ ଆଗେ ଯାଉଛି। ତୁ ପରେ ଆସିବୁ। ମୁଁ ତେଣୁ ବାପାଙ୍କ କଥାମାନି ବହୁତ ଡେରିରେ ରଂଗଭୂମିରେ ପ୍ରବେଶ କଲି। ସେତେବେଳେ ପ୍ରାୟ ସମଗ୍ର ମଣ୍ଡପଟି ଲୋକାରଣ୍ୟ ହୋଇ ସାରିଥାଏ। ସଭାସ୍ଥଳର ଚତୁର୍ଦ୍ଦିଗକୁ ଚାହିଁ ମୁଁ ସ୍ତମ୍ଭୀଭୂତ ହୋଇ ପଡୁଥାଏ।

ସତରେ, କି ବିରାଟ ଆୟୋଜନ। ସୁସଜ୍ଜିତ ବିରାଟ ତୋରଣ। ରାଜ ପରିବାରର ମହାମାନ୍ୟ ଗୁରୁଜନ ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଆସନ। ନହେବ ବା କେମିତି ? ଯେଉଁମାନଙ୍କ ହାତରେ ପରବର୍ତ୍ତୀ ରାଜଦଣ୍ଡ ରହିବ ସେମାନଙ୍କ ବୀରତ୍ୱ ସର୍ବସମ୍ମୁଖରେ ପ୍ରଦର୍ଶିତ ହେବା ଏକାନ୍ତ ବାଞ୍ଛନୀୟ। ପରକ୍ଷଣରେ ମନରେ ଉଙ୍କି ମାରୁଥିଲା ଆଉ ଏକ କଥା, ଏମିତି ବ୍ୟୟବହୁଳ ଉତ୍ସବ କ'ଣ ପାଇଁ ? ଆଚାର୍ଯ୍ୟ ଦ୍ରୋଣଙ୍କ ପ୍ରତିପତ୍ତି ନା ରାଜକୁମାର ମାନଙ୍କର ବଳବୀର୍ଯ୍ୟର ଗୁଣକୀର୍ତ୍ତନ ଗାନ। ତେବେ, ଉତ୍ସବର ଆୟୋଜନ ଯେଉଁଥିପାଇଁ ହୋଇଥାଉ ନା କାହିଁକି ମୋତେ ଯେମିତି ଲାଗୁଥିଲା, ଏସବୁ ଏକ ରୀତିମତ ପ୍ରହସନ। ଏହା ପଛରେ ରହିଛି ଆତ୍ମପ୍ରଶଂସା, ଆତ୍ମବଡ଼ିମା, ବୃଥା ଅହଂକାର।

ରଂଗଭୂମିର ପଛପାଖରେ ଗୋଟିଏ ଅନ୍ଧାରୁଆ କୋଣରେ ମୁଁ ବସିଥାଏ। ଯେଉଁଠି ମୁଁ ସମସ୍ତଙ୍କୁ ଦେଖିପାରୁଥିବି ଅଥଚ ମୋତେ କେହି ଦେଖିପାରିବେନି। ସେମିତି ଏକ ନିରୋଳା ସ୍ଥାନ ବାଛି ନେଇଥାଏ ମୋ ପାଇଁ।

ହଠାତ୍ ଅସ୍ତ୍ରସ୍ପର୍ଦ୍ଧା ଆରମ୍ଭ ହେବାର ସୂଚନା ଦେଇ ବାଜିଉଠିଲା ଶୁଭଶଙ୍ଖ। ସଭାସ୍ଥଳରେ ସଂପୂର୍ଣ୍ଣ ନିରବତା। ଶିକ୍ଷାଗୁରୁ ଦ୍ରୋଣାଚାର୍ଯ୍ୟ ନିଜ ଆସନରୁ ଉଠିପଡ଼ି ସମସ୍ତଙ୍କ ଉଦ୍ଦେଶ୍ୟରେ କହିଲେ ହେ ଦର୍ଶକବୃନ୍ଦ! ଏବେ ଆରମ୍ଭ ହେବ ରାଜକୁମାର ମାନଙ୍କର ଅସ୍ତ୍ରସ୍ପର୍ଦ୍ଧା। ଆଜିର ବିଜୟୀ ଶ୍ରେଷ୍ଠବୀର ମହାରାଜଙ୍କ ହାତରୁ ସ୍ୱର୍ଣ୍ଣମୁକୁଟ ଗ୍ରହଣ କରିବେ। ଏଇ ଦେଖନ୍ତୁ ପ୍ରଥମେ ପ୍ରବେଶ କରୁଛନ୍ତି ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର । ଏତିକି ସୂଚନା ଦେଇ ଯୁଧିଷ୍ଠିରଙ୍କୁ ହାତଠାରି ଇଂଗିତ ଦେଲେ ଅସ୍ତ୍ର କୌଶଳ ପ୍ରଦର୍ଶନ ପାଇଁ।

ଓଃ କି ଚମତ୍କାର ପ୍ରଦର୍ଶନ! ରଂଗସଭାରେ ଘନଘନ କରତାଳି ସହ ସାଧୁବାଦର ଗୁଞ୍ଜରଣ। ପରେପରେ ଭୀମସେନ ଓ ଦୁର୍ଯ୍ୟୋଧନ ହାତରେ ଗଦାଧରି ବୀରଦର୍ପରେ ସଭାସ୍ଥଳକୁ ପ୍ରବେଶ କଲେ। ଲକ୍ଷ୍ୟକଲି, ଉଭୟ ଉଭୟଙ୍କୁ ତୀର୍ଯ୍ୟକ୍ ଚାହାଣିରେ ଭୟଙ୍କର ହୋଇ ଉଠୁଛନ୍ତି। ଦୁହେଁ ଦୁହିଁଙ୍କ ଠାରୁ କମ୍ ନୁହଁନ୍ତି। ଉଭୟଙ୍କ ଗଦା ପ୍ରହାରରେ ସଭାସ୍ଥଳ କମ୍ପି ଉଠିଲା। କ୍ଷଣିକରେ ଯେମିତି ରଂଗଭୂମି ପରିଣତ ହୋଇଯିବ ରଣଭୂମିରେ। ଲକ୍ଷ୍ୟକଲି, ପିତାମହ ଭୀଷ୍ମ ମହାରାଜଙ୍କୁ କିଛି କହୁଥିଲେ। ପରେପରେ ମହାରାଜଙ୍କ ନିର୍ଦ୍ଦେଶରେ ଦ୍ରୋଣାଚାର୍ଯ୍ୟ ଆସନ୍ନ ବିପଦର ଆଶଙ୍କା କରି ଉଭୟଙ୍କୁ ଏଥିରୁ କ୍ଷାନ୍ତ ହେବାପାଇଁ ନିର୍ଦ୍ଦେଶ ଦେଲେ। ବାସ୍ ସେତିକିରେ ବନ୍ଦ ହୋଇଗଲା ଗଦାଯୁଦ୍ଧ। ଉପସ୍ଥିତ ଜନତା କରତାଳି ଦେଇ ଦ୍ରୋଣାଚାର୍ଯ୍ୟଙ୍କୁ ସାଧୁବାଦ ଜଣାଉଥିଲେ। ପରସ୍ପର କୁହାକୁହି ହେଉଥିଲେ, ଯାହାହେଉ ରକ୍ଷା ହୋଇଗଲା। ପରେପରେ ନକୁଳ, ସହଦେବ ଓ କୌରବ ପକ୍ଷର ଅନ୍ୟାନ୍ୟ ଭାଇମାନେ ମଧ ଆସି ଅସ୍ତ୍ରକୌଶଳ ପ୍ରଦର୍ଶନ କଲେ। ସମସ୍ତଙ୍କ ମୁହଁରେ ଆଚାର୍ଯ୍ୟଙ୍କ ଭୁରିଭୁରି ପ୍ରଶଂସା। ଲକ୍ଷ୍ୟ କରୁଥାଏ, ଆଚାର୍ଯ୍ୟ ମଧ ନିଜ ପ୍ରଶଂସା ଶୁଣି ଆତ୍ମବିଭୋର ହୋଇ ପଡୁଥାନ୍ତି। ମୋର କିନ୍ତୁ ଲକ୍ଷ୍ୟ ଅର୍ଜୁନଙ୍କ ଉପରେ। କେତେବେଳେ ଦେଖିବି ତାଙ୍କର ଅସ୍ତ୍ରସ୍ପର୍ଦ୍ଧା। ସେଥିପାଇଁ ମୁଁ ବ୍ୟଗ୍ର ହୋଇ ଉଠୁଥାଏ।

ଏମିତି ଚିନ୍ତାମଗ୍ନ ଅବସ୍ଥାରେ ଶୁଣାଗଲା ପୁଣି ଦ୍ରୋଣାଚାର୍ଯ୍ୟଙ୍କ ଘୋଷଣା। ଏଇ ଦେଖନ୍ତୁ, ଏବେ ଆସିବେ ତୃତୀୟ ପାଣ୍ଡବ ମହାବୀର ଅର୍ଜୁନ। ସମବେତ ଦର୍ଶକଙ୍କ କରତାଳିରେ ମୁଖରିତ ହୋଇଉଠିଲା ରଂଗଭୂମି। ହାତରେ ଧନୁର୍ବାଣ ଧରି ଅର୍ଜୁନ ପ୍ରବେଶ କରୁଥିଲେ। ଅସ୍ତ୍ରଚାଳନାର କୌଶଳ ଦେଖାଇବା ପୂର୍ବରୁ ପ୍ରଥମେ ବୀର ସୁଲଭ ପ୍ରଣତି ଜଣାଇଲେ ମଞ୍ଚାସୀନ ଗୁରୁଜନମାନଙ୍କୁ। ତାଙ୍କ ଦ୍ୱାରା ପ୍ରେରିତ ଶର ପ୍ରତ୍ୟେକଙ୍କ ପାଦସ୍ପର୍ଶ କରୁଥିଲା। ଆଉ ମଞ୍ଚାସୀନ ଗୁରୁଜନମାନଙ୍କ ହାତ ଆଶୀର୍ବାଦ ମୁଦ୍ରାରେ ସ୍ୱତଃ ଉପରକୁ ଉଠି ଯାଉଥିଲା। ଘନଘନ କରତାଳି ମଧ୍ୟରେ କମ୍ପି ଉଠୁଥିଲା ସଭାସ୍ଥଳ। ସମସ୍ତଙ୍କ ମୁହଁରେ ଉଚ୍ଛ୍ୱସିତ ପ୍ରଶଂସା, ଅର୍ଜୁନଙ୍କ ପାଇଁ ଜୟ ଜୟକାର।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ସମ୍ପର୍କର ରଙ୍ଗ

## ସର୍ତ୍ତମୂଳକ ପ୍ରେମଠୁ ପିଲାଙ୍କୁ ଦୂରାନ୍ତୁ


ଶ୍ୱେତା ରାଉତ୍




ଆମେ ନିଜର କାମ ବା ଦାୟିତ୍ୱରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ଆମ ପିଲାମାନଙ୍କ ମନକୁ ବୁଝିବାର ସମୟ ବି ଆମ ପାଖେ ନାହିଁ। ଆଜିକାଲି ତ ବୟସ୍କମାନେ ନିଜେ ପ୍ରେମରେ ପଡି ପରକୀୟା ପ୍ରୀତିରେ ଏମିତି ନିମଗ୍ନ ରହୁଛନ୍ତି ଯେ, ପିଲାମାନେ ବଡ ହେଉଛନ୍ତି, ସେମାନଙ୍କ ପାଇଁ କଣ ଦାୟିତ୍ୱ ବା କର୍ତ୍ତବ୍ୟ ଅଛି, ସେମାନେ କେମିତି ଶୃଙ୍ଖଳିତ ଜୀବନ ଯାପନ କରିବେ ସେଥିପ୍ରତି ଆଦୌ ଦୃଷ୍ଟି ରହୁନାହିଁ। ତେଣୁ ପିଲାମାନେ ମୋବାଇଲ ଭିତରେ ବନ୍ଧୁ ଖୋଜୁଛନ୍ତି ନିଜର ମନକଥା ସେୟାର କରିବାକୁ ଏବଂ ବନ୍ଧୁତ୍ୱରେ ରହି ଅନେକ ପିଲା ଖରାପ ବାଟରେ ଯାଉଛନ୍ତି, ଡ୍ରଗ୍ସ ନେଉଛନ୍ତି, ବାର୍ ଯାଉଛନ୍ତି, ପ୍ରେମର ଅର୍ଥ ନବୁଝି ଶାରୀରିକ ସମ୍ମୋହନକୁ ପ୍ରେମ ଭାବି ଖୁବ୍ କମ୍ ବୟସରୁ ଅଯଥା ପ୍ରେମ-ପ୍ରତାରଣା ପାଲରେ ପଡି ଆତ୍ମହତ୍ୟା ବି କରୁଛନ୍ତି। ଆଉ ସେତେବେଳେ ଆମେ ମୁଣ୍ଡ ପିଟି ଛାତି ଫଟେଇ କାନ୍ଦୁଛନ୍ତି ଆମ ପିଲା ଏମିତି କାହିଁକି କଲା ?

ଆମେ ଗାଇକୁ ଖାଇବାକୁ ଦିଅନ୍ତିନି କିନ୍ତୁ ଆଶା କରନ୍ତି ପ୍ରଚୁର କ୍ଷୀର ଦେଉ। ଆମେ ପିଲାଙ୍କ ମନ ବୁଝନ୍ତିନି କି ସମୟ ଦିଅନ୍ତିନି ଅଥଚ ପିଲାଠୁ ଆଶା କରନ୍ତି ଅଫିସର ହେଉ, ଆମେ ଗର୍ବରେ ଲୋକଙ୍କୁ କହି ବୁଲିବା ମୋ ପୁଅ ଝିଅ ଏତେ ବଡ ଅଫିସର, ୟୁ-ଏସ୍-ଏରେ ରହୁଛି,ଏତେ ଦରମା ପାଉଛି ଇତ୍ୟାଦି। ଆମ ପିଲାମାନେ ଭ୍ରମକୁ ପ୍ରେମ ଭାବିବା ପୂର୍ବରୁ ଆମେ ବନ୍ଧୁ ଭଳି ସେମାନଙ୍କ ମନ ବୁଝି ପ୍ରେମ ସମ୍ବନ୍ଧରେ ସେମାନଙ୍କ ଜିଜ୍ଞାସା ଆଲୋଚନା କରି ଠିକ୍ ବାଟ ଦେଖାଇବା ଆଦୌ ଖରାପ ନୁହେଁ।

ଭଲପାଇବାକୁ ପ୍ରେମ କୁହାଯାଏନା। ଆମେ ଆମ କୁକୁରକୁ ଭଲପାଆନ୍ତି, ବଗିଚାର ମାଳୀକୁ ଭଲ ପାଆନ୍ତି, ଆମ ମୋବାଇଲ ଆମକୁ ଖୁବ୍ ଭଲ ଲାଗେ, ବାଲକୋନିର ଫୁଲଗଛ ବହୁତ ଭଲଲାଗେ। ଏହାର ମାନେ କ'ଣ କୁକୁର, ମାଳୀ, ମୋବାଇଲ, ଫୁଲଗଛ ଏସବୁକୁ ଆମେ ପ୍ରେମ କରନ୍ତି ? ପ୍ରତ୍ୟେକ ଭଲଲାଗିବା ବ୍ୟକ୍ତି କିମ୍ବା ବସ୍ତୁକୁ ଆମେ ଭଲପାଆନ୍ତି, ଏହାର ମାନେ ନୁହେଁ ଆମେ ପ୍ରେମ କରନ୍ତି। ସ୍କୁଲ କିମ୍ବା କଲେଜରେ କୌଣସି ପୁଅ କିମ୍ବା ଝିଅର ରୂପ, ଗୁଣ, ବ୍ୟବହାର ଭଲଲାଗେ, ତା ସହିତ ସମୟ କାଟିବା ଖୁସି ଲାଗିବା, ତା କଥା ଭାବି ଉତଫୁଲିତ ହେବାର ଅର୍ଥ ନୁହେଁ ପ୍ରେମ। ଆଜିକାଲି ସବୁଦିନ ଫୋନ୍ କରି ଭଲମନ୍ଦ ବୁଝିବା, ଗୁଡ୍ ମର୍ଣ୍ଣିଂ ମେସେଜ୍ ଦେବା, ଗିଫ୍ଟ ଦେବା, ବୁଲାଇନେବା, ହୋଟେଲରେ ଖୁଆଇବାକୁ ବି ପିଲାମାନେ ପ୍ରେମ ଭାବିନିଅନ୍ତି। ପିଲାମାନଙ୍କୁ ଆମେ ଏ ସମ୍ବନ୍ଧରେ ଶିକ୍ଷା ଦେବା ଉଚିତ୍। ଏସବୁ ମନକୁ ଆନନ୍ଦ ଦିଏ କିଛି ସମୟ ବା କିଛି ଦିନ ପାଇଁ ନୂଆ ଉନ୍ମାଦ ଆଣିଦେଇଥାଏ। ଏ ପ୍ରକ୍ରିୟା ଧିରେ ଧିରେ କମ୍ ହୋଇଗଲେ ପରସ୍ପର ଭିତରେ ଆରୋପ, ଅଭିମାନର ଆଚରଣ ଜନ୍ମନିଏ। ତେଣୁ ଏ ଭଳି ସାମୟିକ ଆତ୍ମତୃପ୍ତି ଯେ ପ୍ରେମ ନୁହେଁ ଏ ସମ୍ବନ୍ଧରେ ଆମେ ପିଲାମାନଙ୍କୁ ସଚେତନ କରାଇବା ଆମର କର୍ତ୍ତବ୍ୟ।

ଯଦି କେହି ସବୁଦିନ ଫୋନ୍ କରି ଗପୁଥାଏ, ହଠାତ୍ କିଛି ଅସୁବିଧା ଯୋଗୁଁ କଥା ହେବା କମିଯାଏ, ବିପରୀତ ପାର୍ଶ୍ୱରୁ ଅସହଜ ବ୍ୟବହାର, ଅଭିମାନ, କ୍ରୋଧ ଆସିଥାଏ। ଅନ୍ୟ କାହା ସହିତ ଅଧିକ ଟିକେ କଥା ହୋଇଗଲେ ପ୍ରେମିକ ପ୍ରେମିକାଙ୍କ ଭିତରେ ଝଗଡା, ଯୁକ୍ତିତର୍କ, ସନ୍ଦେହ ଏବଂ ଶେଷରେ ବ୍ରେକ୍ ଅପ୍ ହୋଇଯାଏ।ଏସବୁ ଯେମିତି ଗୋଟେ କଣ୍ଡିସନ(ସର୍ତ୍ତ)ରେ ଚାଲେ। 'କେବଳ ମୋ ସହିତ କଥା ହେଉ, ମୋତେ ଭଲପାଉ, ମୋ କଥା ଶୁଣୁ,ମୋତେ ପ୍ରଶଂସା କରୁ, ମୋତେ ଗିଫ୍ଟ ଦେଉ, ମୋ ସହିତ ବୁଲୁ 'ଏସବୁ ଯେମିତି ସର୍ତ୍ତରେ ବନ୍ଧା। ଠିକ୍ ଏଥିରୁ ଊଣା ହେଲେ ସମ୍ପର୍କ ନଷ୍ଟ।

ଯେଉଁଠି ପ୍ରେମରେ ସର୍ତ୍ତ ଥାଏ ତାକୁ ସ୍ୱାର୍ଥ କୁହାଯାଏ।ଯେଉଁଠି ସମ୍ପର୍କରେ ସ୍ୱାର୍ଥ ଆସେ ସେଠି ସମ୍ପର୍କ ଚିରସ୍ଥାୟୀ ହୋଇପାରେନାହିଁ, ତେଣୁ ଭାଙ୍ଗିବା ହିଁ ଶିରୋଧାର୍ଯ୍ୟ। ତେଣୁ ପିଲାମାନଙ୍କୁ ନିସଙ୍କୋଚରେ ଏଭଳି ସର୍ତ୍ତମୂଳକ ପ୍ରେମଠୁ ନିବୃତ୍ତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ସେମାନଙ୍କ ଭଲ ବନ୍ଧୁ ହୁଅନ୍ତୁ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର-୬
ମୋ: ୯୪୩୯୭୨୬୦୬୦


# ଆଜିର କବିତା

## ବଳାଙ୍ଗୀ ବୈଷ୍ଣବୀ...


ଦୀପ୍ତି ଦାସ




କେତେ ଭସା ଗୋଧୂଳିର
ମାଲ୍ୟାଣୀର ଫୁଲଝରା ଗୀତି
ଝରିପଡ଼େ ମଶାଣି ମାଠିଆ ହୋଇ
ତୋ'ରି ଛାତିରେ,
କେତେ ଝଡ଼ ବରଷାର
କେତେ ବଢ଼ି, ବତାସର
ଖସିପଡ଼େ ସୁକୁମାରୀ
ଜହ୍ନ ଆଉ ତାରାଙ୍କର
ସିନ୍ଥିରୁ ସିନ୍ଦୂର ଆଉ
ପାଦର ପାଉଁଜି
ତୋ'ରି ଢ଼େଉରେ।

କେତେକେତେ ଋତୁଯାଇ
ଋତୁ ପୁଣି ଫେରିଆସେ
ଦେଇଯାଏ ବଇଶାଖର
ଦାରୁଣ ଦହନ
ଋତୁ କ'ଣ ଜାଣିଥାଏ
ନିଆଁ ସବୁ ତୋ ଛାତିରେ
ହୁଏ ପୁଣି ନୀଳ ପଦ୍ମବନ।

କିଏ କ'ଣ ଜାଣିଥାଏ
ତୋ' ଛାତିରେ ନିଆଁ ସବୁ
ଫୁଲ ହୋଇ ଫୁଟେ
ଝଡ଼ ସବୁ କୁଳୁକୁଳୁ ଗୀତି ହୋଇ ଛୁଟେ
ଦୁଃଖ ଆଉ ବେଦନା ସବୁ
ତରଳା ସୁନାର ଢ଼େଉ ହୋଇ
ସାଗରରେ ମିଶେ।

ତୋ ଛାତିରେ ତୋ ଆଖିରେ
ବର୍ଷ ବର୍ଷ ବର୍ଷା ମେଘ
ଖରା ତାତି ସବୁଦିନ ସବୁ ରାତି
ସବୁ ଏକା ପରି
ଖରା ଓ ବରଷା ଶୀତ
ହେମନ୍ତ, ବସନ୍ତ
ସବୁ ଋତୁ ମିଶି ହୁଏ
ବିମୁଗ୍ଧ ସଂଗୀତ...

ତୁ ତ ତାପସୀ କନ୍ୟାଟିଏ
ଶିଳାର ଶେଯରେ
ଶିଳା ବି ସାଜିଥାଏ ତୋ ଓଠରେ
କୁଳୁକୁଳୁ କଦମ୍ବିତ ବେଣୁ
କିଏ କ'ଣ ବୁଝିପାରେ
ଜୀବନ ନଈରେ ନିଆଁ ସବୁ ତରଳି ଯାଇ
ପାଲଟିଯାଏ କୋମଳ ଗାନ୍ଧାର
ପୁଣି କେତେବେଳେ
ଛଳଛଳ ମେଘର ମହ୍ଲାର
ତୁ କିନ୍ତୁ ବୁଝିପାରୁ
କାରଣ ତୁ ତ
ନଦୀଟିଏ ନାରୀଟିଏ ଯେଣୁ...

ମୋ ଆଖିରେ ତୁ ତ
ଚିରସ୍ରୋତା ଖରସ୍ରୋତା
ବଳାଙ୍ଗୀ ବୈଷ୍ଣବୀ
ତୋ ପ୍ରେମର ପରାବାରେ
ଆକାଶ ବି ଲୋଟିପଡ଼େ
ସତେ ଅବା ପାଲଟିଯାଏ
ଜହ୍ନର ଜାହ୍ନବୀ....

ମୋ ଆଖିରେ ତୁ ତ
ଚିରସ୍ରୋତା ଖରସ୍ରୋତା
ବଳାଙ୍ଗୀ ବୈଷ୍ଣବୀ


+ଅରଡ଼ ବଜାର, ବାଲେଶ୍ୱର
ମୋ: ୯୮୬୧୪୬୬୪୫୩


## ମନ...


ଅନସୂୟା ମଲ୍ଲିକ


ଏଇ ମନ ଏକ ଉଡ଼ନ୍ତା ପକ୍ଷୀ
ଇଛା କରି ତାକୁ ପାରୁନି ରଖି ।

ପବନଠୁ ବେଗ ଅଧିକ ତାର
ଏ କଥାକୁ ଅବା ବଳ କାହାର ।

ଚାହିଁଲେ ସେ କରେ ଅତି ନିଜର
ନ ଚାହିଁଲେ କରେ ପାଖରୁ ଦୂର ।

ଏଇଠି ଅଛିସେ ଏଇଠି ନାହିଁ
ଚଉଦିଗେ ସିଏ ବୁଲି ଆସଇ ।

ଏତେ ଅମାନିଆଁ ଭାରି ଚଗଲା
ନାମଟି ତାହାର ଅଟେ ବଗୁଲା ।

ଜୀବନରେ ଆଣେ ବହୁତ ସୁଖ
ପୁଣି କେବେ ସିଏ ଆଣଇ ଦୁଃଖ ।

ଭାବନା ରାଜ୍ୟରେ ନିତି ବୁଲଇ
ସୁଖ ଦୁଃଖ ସବୁ ସାଉଁଟି ଥାଇ ।

କେତେ ହରେଇଛି କେତେ ପାଇଛି
ଅବା ସେ କାହାକୁ ଧୋକା ଦେଇଛି ।

ଦିବସ ହେଉବା ହେଉ ରଜନୀ
ସପନ ଦେଖଇ କ୍ଷଣିକ କ୍ଷଣି ।

ଗଢିଥାଏ ସିଏ ରମ୍ୟ ରଚନା
ପୁଣି କେତେବେଳେ ହୁଅଇ ଚୂନା ।



ପରି ରାଇଜର ସ୍ୱପ୍ନ ଦେଖଇ
ଆକାଶୁ କୁସୁମ ତୋଳି ଆଣଇ ।

କେତେ ଅମାନିଆଁ ମାନୁନି କଥା
ଯେତେ ବୁଝାଇଲେ ଅବୁଝା ସେତ ।

ନା ଅଛି ଶିକୁଳି ବାନ୍ଧିବା ପାଇଁ
ସବୁ ବେଳେ ସୀମା ସେ ଲଙ୍ଘୁଥାଇ ।


ଶିକ୍ଷୟିତ୍ରୀ, ମାର୍କଣ୍ଡପୁର, ଯାଜପୁର

# ସମଲ ବ୍ୟାରେଜ୍ ବାସଚ୍ୟୁତଙ୍କ ସମସ୍ୟା ସମାଧାନ ସଂପର୍କୀତ ବୈଠକ

ଭୁବନେଶ୍ୱର ,୪/୮ (ନି.ପ୍ର): ଅନୁଗୋଳ ଜିଲ୍ଲା ସମଲ ବ୍ୟାରେଜ୍ ନଦୀବନ୍ଧ ଯୋଜନାରେ ପ୍ରଭାବିତ ପରିବାରଙ୍କ ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ଏକ ବୈଠକ ଓଡିଶା ବିଧାନ ସଭା ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହଙ୍କ ଅଧକ୍ଷତାରେ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ତାଳଚେର ବିଧାୟକ ଶ୍ରୀ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ଶ୍ରୀ ମୁକେଶ ମହାଲିଙ୍ଗ ଏବଂ ବାସଚ୍ୟୁତ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଉପ ବାଚସ୍ପତି ଶ୍ରୀ ସିଂହ ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି କିପରି ସମସ୍ୟାର ଆଶୁ ସମାଧାନ ହୋଇପାରିବ, ସେ ସଂପର୍କରେ ଆବଶ୍ୟକ ପରାମର୍ଶ ଦେବା ସହ ଏ ଦିଗରେ ଜଳସମ୍ପଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଦ୍ୱୟ ମଧ ବିସ୍ଥାପିତମାନଙ୍କର ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ବାସଚ୍ୟୁତମାନଙ୍କ ଦୀର୍ଘ ଦିନରୁ ରହିଥିବା ସମସ୍ୟା ସମାଧାନରେ ବିଳମ୍ବିତ ହୋଇଥିବାରୁ ଏ ସଂପର୍କରେ ଆଗାମୀ ଦିନରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ନିଷ୍ପତି ନିଆଯାଇ ତାହାକୁ କାର୍ଯ୍ୟକାରୀ କରାଯିବାକୁ ବୈଠକରେ ସର୍ବ ସମ୍ମତି ପ୍ରକାଶ ପାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସଂପଦ ବିଭାଗର ପୁନର୍ବାସ ଓ ଥଇଥାନ( ରିହାବିଲିଟେସନ ଓ ରିସେଟଲମେଣ୍ଟ) ନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ବିଶ୍ୱଜିତ୍ ବିଶ୍ୱାଳ, ସର୍ବୋଚ୍ଚ ଯନ୍ତ୍ରୀ(ଯୋଜନା ଓ ନକ୍ସାଙ୍କନ) ଇଂ. ବିଜୟ କୁମାର ମିଶ୍ର, ସମଲ ବ୍ୟାରେଜ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ, ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଏବଂ ଭୂ-ଅଧିଗ୍ରହଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଉତ୍ତର ନିର୍ବାଚନ ମଣ୍ଡଳୀରେ ଡେଙ୍ଗୁ ସଚେତନତା ଓ ନିରାକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର ,୪/୮ (ନି.ପ୍ର): ବର୍ତମାନ ସମୟରେ ଡେଙ୍ଗୁ ମହାବ୍ୟାଧି ସହରରେ ନିଜ କାୟା ବିସ୍ତାର କରିସାରିଲାଣି । ୭୦୦ ରୁ ଉର୍ଦ୍ଧ ଲୋକ ଏହି ବ୍ୟାଧିରେ ଆକ୍ରାନ୍ତ । ଏତେ ଦିନ ପରେବି ରାଜ୍ୟ ସରକାର ଓ ବିଏମସି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇପାରିଲେ ନାହିଁ । ଗତକାଲି ଜିଲ୍ଲା କଂଗ୍ରେସ ତରଫରୁ ମଧମ ନିର୍ବାଚନ ମଣ୍ଡଳୀରେ ଡେଙ୍ଗୁ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଆଜି ଅନୁରୂପ ଭାବେ ବ୍ଲକ ସଭାପତି ଶ୍ରୀ ଅଶୋକ ଦାସଙ୍କ ପରିଚାଳନାରେ ଉତର ନିର୍ବାଚନ ମଣ୍ଡଳୀର ମୁଣ୍ଡାସାହି ଛକ, ଦାଶରଥି ଆପାର୍ଟମେଂଟ ପାଖ, ବିଜୁପଟ୍ଟନାୟକ କଲେଜ ପଛ କଲୋନି ତଥା ମେଫେୟାର ସଂଲଗ୍ନ ରାସ୍ତାରେ ଜମାହୋଇଥିବା ପାଣି ଓ ଅପରିଷ୍କୃତ ସ୍ଥାନମାନଙ୍କରେ ବ୍ଲିଚିଙ୍ଗ ଓ ମଶାତେଲ ସିଂଚନ କରାଯାଇଛି । ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ ଦାଶ ପୁର୍ନବାର କହିଛନ୍ତି ରାଜ୍ୟ ସରକାର ଡେଙ୍ଗୁ ନିରାକରଣ ପାଇଁ ଅତିଶୀଘ୍ର ପଦକ୍ଷେପ ନନେଲେ ପରିସ୍ଥିତି ଅଣଆୟତ ହେବ । ତେଣୁ ବିଏମସି ଜିଲ୍ଲା କଂଗ୍ରେସ ଦ୍ୱାରା ଦିଆଯାଇଥିବା ଦାବିପତ୍ର ମୁତାବକ ଯୁଦ୍ଧକାଳୀନ ଭିତିରେ ଡେଙ୍ଗୁ ନିରାକରଣର ବ୍ୟବସ୍ଥା ଆରମ୍ଭ କରନ୍ତୁ । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ବ୍ରହ୍ମାନନ୍ଦ ସାହୁ, ଦେବରାଜ ମିଶ୍ର, ଅନିଲ ଦାସ, ଦୀପକ ଦିଗଲ, ଶ୍ରୀନାଥ ପଟ୍ଟନାୟକ, ସଂଜୟ ନାୟକ, ମନୋଜ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ଶ୍ରିୟା ପଣ୍ଡା, କୁସୁମ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ପବିତ୍ର ଦାସ, ପୂର୍ଣ୍ଣଚନ୍ଦ୍ର କହଁର, ଦେବାଶିଷ ଦାସ, ଡ. କୃପାସିନ୍ଧୁ ମହାନ୍ତୋ, କେଦାରନାଥ ଜେନା, ସରୋଜ ପ୍ରଧାନ, ମନୋଜ ବେହେରା, ଅଜିତ ସାହୁ ଏବଂ ସୁବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ମହିଳା ଅଲମ୍ପିକ ଖେଳାଳିମାନଙ୍କର ଅସୀମ ସାମର୍ଥ୍ୟକୁ ପ୍ରଶଂସା କଲେ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ

ଭୁବନେଶ୍ୱର,୪/୮ (ନି.ପ୍ର): ଟୋକିଓ ଅଲମ୍ପିକ ୨୦୨୦ରେ କ୍ରୀଡାଜଗତର ୧୨୭ ଜଣ ଖେଳାଳି ଭାରତକୁ ପ୍ରତିନିଧିତ୍ୱ କରି ଦେଶ ପାଇଁ ଏକ ବିଶାଳ ଏବଂ ନୂତନ ସମ୍ଭାବ୍ୟ ଆଣିବାକୁ ଯାଉଛନ୍ତି । ଭାରତକୁ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିବା ୪ଜଣ ମହିଳା ଖେଳାଳି ମୀରାବାଇ ଚାନୁ, ସାକ୍ଷୀ ମଲ୍ଲିକ, ପି.ଭି ସିନ୍ଧୁ ଏବଂ ଲୋଭଲିନା ବୋର୍ଗୋହେନ ବିଶ୍ୱ ଦରବାରରେ ଭାରତକୁ ଗୌରବାନ୍ୱିତ କରୁଛନ୍ତି । ଏହି ମହିଳା ଅଲମ୍ପିକ ଖେଳାଳିମାନଙ୍କର ଅସୀମ ସାମର୍ଥ୍ୟକୁ ଭାରତୀୟ ଜନତାପାର୍ଟି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତି ସ୍ମୃତି ପଟ୍ଟନାୟକ ପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି ।

ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଭାରତ ସ୍ୱାଧୀନ ହେବା ୭୦ବର୍ଷ ମଧରେ ମହିଳା ଖେଳାଳିଙ୍କୁ ଯେଉଁ ପ୍ରୋତ୍ସାହନ, ସାହାର୍ଯ୍ୟ ଓ ସହଯୋଗ ମିଳିବା କଥା ତାହା ମିଳି ପାରିନଥିଲା । ତେଣୁ ଭାରତୀୟ ମହିଳା ଖେଳାଳି ମାନେ ବିଶ୍ୱ ଦରବାରରେ ନିଜ ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବେ ରଖି ପାରିନଥିଲେ । ମୋଦୀ ସରକାରରେ ମହିଳା ସଶକ୍ତିକରଣ ଅଭିଯାନ ଅନ୍ତର୍ଗତ ଭାରତବର୍ଷରେ ମହିଳାଙ୍କ ପ୍ରତ୍ୟେକ ଦିଗକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ସଶକ୍ତ କରିବାରେ ଉଦ୍ୟମ କରାଯାଇଛି । ସେହିପରି ନିଜ ମନ୍ତ୍ରୀମଣ୍ଡଳରେ ୧୧ ଜଣ ମହିଳା ମନ୍ତ୍ରୀଙ୍କୁ ସାମିଲ କରି ମହିଳାଙ୍କୁ ସମ୍ମାନିତ କରିବା ସହିତ ମହିଳା ଖେଳାଳିଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିବାରୁ ଶ୍ରୀମତୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ପୌର ନିର୍ବାଚନ ପ୍ରସଙ୍ଗ : ରାଜ୍ୟପାଳଙ୍କ ନିକଟରେ ଫେରାଦ କଲା ବିଜେପି

ଭୁବନେଶ୍ୱର,୪/୮ (ନି.ପ୍ର): ପୌର ନିର୍ବାଚନ ବିଳମ୍ବ ପ୍ରସଙ୍ଗରେ ଆଜି ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଫେରାଦ କରିଛନ୍ତି । ରାଜ୍ୟରେ ଏକା ସଙ୍ଗରେ ପୌର ନିର୍ବାଚନ କରାଇବାକୁ ଦଳ ଦାବି କରିଛି । ଏଥିପାଇଁ ରାଜ୍ୟ ନିର୍ବାଚନ କମିସନ୍‌ଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବିଜେପି ରାଜ୍ୟ ପୌରାଞ୍ଚଳ କମିଟି ଅଧକ୍ଷ କେ ଭି ସିଂହଦେଓ କହିଥିଲେ ଯେ ସମ୍ବିଧାନରେ ଥିବା ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କମିସନ୍ ଠିକ୍ ସମୟରେ ନିର୍ବାଚନ କରିବା ବାଧ୍ୟତାମୂଳକ । କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟରେ ଗତ ୨୦୧୮ ସେପଟେମ୍ବର ମାସରୁ ପୌର ନିର୍ବାଚନ ହୋଇପାରି ନାହିଁ । ପରାଜୟ ଆଶଙ୍କାରେ ଆତଙ୍କିତ ସରକାର ରାଜ୍ୟ ନିର୍ବାଚନ କମିସନ୍‌ଙ୍କୁ ହାତବାରିସୀ କରି ରାଜ୍ୟରେ ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ଜାରି ରଖିଛନ୍ତି । ରାଜ୍ୟ ସରକାରଙ୍କର ଅଭ୍ୟାସଗତ ଅସହଯୋଗକୁ ପ୍ରତିହତ କରିବା ପାଇଁ ନିର୍ବାଚନ କମିସନ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିର୍ବାଚନ କରାଇବା କଥା । କିନ୍ତୁ ତାହା କରୁ ନାହାନ୍ତି । କମିସନ୍ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି । ୩ ବର୍ଷ ଧରି ନିର୍ବାଚନ ହୋଇ ନ ଥିବା କାରଣରୁ ରାଜ୍ୟରେ ପୌରାଞ୍ଚଳଗୁଡ଼ିକରେ ଜନପ୍ରତିନିଧି ନାହାନ୍ତି । ଏହା ଦ୍ୱାରା ସହରାଞ୍ଚଳରେ ବସବାସ କରୁଥିବା ନାଗରିକମାନେ ବହୁ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି । କେନ୍ଦ୍ର ସରକାର ବାସଗୃହ, ପାନୀୟ ଜଳ, ସ୍ୱେରେଜ, ଆଲୋକ ବ୍ୟବସ୍ଥା ପାଇଁ ବ୍ୟାପକ ଅର୍ଥ ପ୍ରଦାନ କରୁଥିଲେ ସୁଦ୍ଧା ସରକାରୀ ଅଧିକାରୀମାନେ କେନ୍ଦ୍ରୀୟ ଅର୍ଥକୁ ହରିଲୁଟ୍ କରୁଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ସାମ୍ବିଧାନିକ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ରାଜ୍ୟ ସରକାରଙ୍କ ଇଙ୍ଗିତରେ କାର୍ଯ୍ୟ କରିବା ଅତ୍ୟନ୍ତ ନିନ୍ଦନୀୟ । ଏହି ପ୍ରତିନିଧି ଦଳରେ ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଉର୍ମିଳା ମହାପାତ୍ର ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ, ୮୯୨ବାହନ ଜବତ

ଭୁବନେଶ୍ୱର,୪/୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୯୨ ବାହନକୁ ଜବତ କରାଯାଇଛି । ଏହି ସମୟ ମଧ୍ୟରେ ୨୫,୪୪,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଦ୍ୱୈତନଗରୀ ସମେତ ଉପକୂଳ ଓଡ଼ିଶାରେ ସେରୋସର୍ଭେ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୪/୮ (ନି.ପ୍ର): ଖୁବ୍‌ଶୀଘ୍ର କଟକ-ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ଆରମ୍ଭ ହେବ ସେରୋସର୍ଭେ । ନିକଟରେ କେନ୍ଦ୍ର ସରକାର ଭାରତୀୟ ଭେଷଜ ଗବେଷଣା ପରିଷଦ ବା ଆଇସିଏମ୍ଆର ପରାମର୍ଶରେ ରାଜ୍ୟମାନଙ୍କୁ ସେରୋସର୍ଭେ ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଫଳରେ ଜିଲ୍ଲାସ୍ତରରେ ଆଣ୍ଟିବଡି ସ୍ତର କିଭଳି ରହିଛି, ତାହା ସ୍ପଷ୍ଟ ହୋଇପାରିବ । ଉଚ୍ଚ ସଂକ୍ରମଣ ହାର ବା ଟିପିଆର ଅଧିକ ଥିବା ଜିଲ୍ଲାଗୁଡ଼ିକୁ ପ୍ରାଥମିକ ପର୍ଯ୍ୟାୟରେ ସେରୋ ସର୍ଭେରେ ସାମିଲ କରାଯିବ ବୋଲି ଜଣାପଡ଼ିଛି । ନିକଟରେ ଦେଶବ୍ୟାପୀ ଚତୁର୍ଥ ପର୍ଯ୍ୟାୟ ସେରୋସର୍ଭେ ହୋଇଥିଲା । ଏଥିରେ ରାଜ୍ୟର ୩ଟି ଜିଲ୍ଲା ଅଂଶଗ୍ରହଣ କରିଥିଲେ । ଗଞ୍ଜାମରେ ୭୧ ପ୍ରତିଶତ, ରାୟଗଡ଼ାରେ ୬୩ ଓ କୋରାପୁଟରେ ୬୧.୩ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡି ସୃଷ୍ଟି ହୋଇଥିବା ନଜରକୁ ଆସିଥିଲା । ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେରୋସର୍ଭେ କରାଯିବ । ଭୁବନେଶ୍ୱର, କଟକ, ପୁରୀ ସମେତ ଉପକୂଳ ଓଡ଼ିଶାର କିଛି ଜିଲ୍ଲାକୁ ଏଥିରେ ପ୍ରାଥମିକତା ଦିଆଯାଇଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଭଳି ଢଙ୍ଗରେ ଓ ଉପକୂଳର କେଉଁ ଜିଲ୍ଲାକୁ ସେରୋ ସର୍ଭେରେ ପ୍ରାଥମିକତା ଦିଆଯିବ, ସେନେଇ ଆରଏମ୍ଆରସି ସହ ଆଲୋଚନା କରାଯିବ । ଟିପିଆର ଅଧିକ ଥିବା ଜିଲ୍ଲାକୁ ସାମିଲ ହେବାର ଅଧିକ ସମ୍ଭାବନା ରହିଛି । କରୋନାର ଦ୍ୱିତୀୟ ଲହରରେ ରାଜ୍ୟରେ ୩ମାସ ଧରି ଲକ୍‌ଡାଉନ୍/ସଟ୍‌ଡାଉନ୍ ସତ୍ତ୍ୱେ ଭୁବନେଶ୍ୱର, କଟକ ଓ ପୁରୀ ସହରରେ ବହୁ ଲୋକ ସଂକ୍ରମିତ ହୋଇଥିଲେ । ତେଣୁ ଏସବୁ ସ୍ଥାନରେ କେତେ ପରିମାଣର ଲୋକ ଭୂତାଣୁ ସଂସ୍ପର୍ଶରେ ଆସିଛନ୍ତି, ତାହା ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ କରୋନାର ପ୍ରଥମ ଲହରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସେରୋସର୍ଭେ ହୋଇଥିଲା । ପ୍ରଥମେ ପୁରୀରେ ଏହା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସହରରେ କରାଯାଇଥିଲା ।

# ଇଣ୍ଡିଆ ଟୁଡେ’ ରିପୋର୍ଟ : ଦେଶର ଶ୍ରେଷ୍ଠ ଦଶ ମଧ୍ୟରେ ଏମ୍ସ ଭୁବନେଶ୍ୱର



ଭୁବନେଶ୍ୱର ,୪/୮ (ନି.ପ୍ର): ଦେଶର ଶ୍ରେଷ୍ଠ ମେଡିକାଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ସ ଭୁବନେଶ୍ୱରକୁ ସପ୍ତମ ସ୍ଥାନ ଦେଇଛି ଇଂରାଜୀ ପତ୍ରିକା ଇଣ୍ଡିଆ ଟୁଡେ । ଏ ସଂକ୍ରାନ୍ତରେ ପ୍ରକାଶିତ ରିପୋର୍ଟକୁ ଟ୍ୱିଟ୍ କରିଛନ୍ତି ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶିକା ପ୍ରଫେସର ଗୀତାଞ୍ଜଳି ବି । ଏଭଳି ସମ୍ମାନଜନକ ସ୍ଥାନ ପାଇଁ ଏମ୍ସ ଭୁବନେଶ୍ୱର ଓଡ଼ିଶାର ଗୌରବ ବୃଦ୍ଧି କରିଥିବାବେଳେ ରାଜ୍ୟବାସୀଙ୍କ ମନରେ ଆନନ୍ଦ ସୃଷ୍ଟି କରିଛି ।

ଇଣ୍ଡିଆ ଟୁଡେ’ର ରିପୋର୍ଟ ଅନୁଯାୟୀ, ପୂର୍ବ ଦୁଇ ବର୍ଷ ଭଳି ତୃତୀୟ ବର୍ଷ ପାଇଁ ଏମ୍ସ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି । ସେହିପରି ପୁଡୁଚେରି ସ୍ଥିତ ଜବାହାର ଇନଷ୍ଟିଚ୍ୟୁଟ ଅଫ୍ ପୋଷ୍ଟ ଗ୍ରାଜୁଏଟ ମେଡିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଜିପ୍‌ମାର) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କିଙ୍ଗ୍ ଜର୍ଜ ମେଡିକାଲ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌ ତୃତୀୟ ସ୍ଥାନ ଅଧିକାର କରିଛି । ସେହିପରି ବାଙ୍ଗାଲୁରୁ ସ୍ଥିତ ନିମ୍‌ହାନ୍ସ ଚଳିତ ବର୍ଷ ପ୍ରଥମ ଥର ପାଇଁ ଚତୁର୍ଥ ସ୍ଥାନରେ ରହିଥିବାବେଳେ ହରିୟାଣାର ରୋହତକ ସ୍ଥିତ ପଣ୍ଡିତ ଭାଗବତ ଦୟାଲ ଶର୍ମା ମେଡିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟ ପଞ୍ଚମ, ଏମ୍ସ ଯୋଧପୁର ଷଷ୍ଠ, ଏମ୍ସ ଭୁବନେଶ୍ୱର ସପ୍ତମ, ଚେନ୍ନାଇ ସ୍ଥିତ ଶ୍ରୀରାମଚନ୍ଦ୍ର ଇନଷ୍ଟିଚ୍ୟୁଟ ଅଫ୍ ହାୟର ଏଜୁକେସନ ଆଣ୍ଡ ରିସର୍ଚ୍ଚ ଅଷ୍ଟମ, ନୂଆଦିଲ୍ଲୀ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ ବିଲିଆରି ସାଇନ୍ସ ନବମ ଏବଂ ମହିସୁର ସ୍ଥିତ ଜେଏସ୍ଏସ୍ ଏକାଡେମି ଅଫ୍ ହାୟର ଏଜୁକେସନ ଆଣ୍ଡ ରିସର୍ଚ୍ଚ ଦଶମ ସ୍ଥାନରେ ରହିଛି । ଏମ୍ଏସ୍ ଏବଂ ଏମ୍‌ଡିରେ ନାମଲେଖା ପାଇଁ ସର୍ବନିମ୍ନ ଫି’ ନେବାରେ ଏମ୍ସ ଦିଲ୍ଲୀ, ଯୋଧପୁର ଏମ୍ସ ଏବଂ ଭୁବନେଶ୍ୱର ଏମ୍ସକୁ ପ୍ରଶଂସା କରାଯାଇଛି । ସୁପର ସ୍ପେସାଲିଟି ବିଭାଗରେ ଏମ୍ସ ଦିଲ୍ଲୀରୁ ସର୍ବାଧିକ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହେଉଛନ୍ତି । ତେବେ ଲକ୍ଷ୍ନୌ ସ୍ଥିତ କିଙ୍ଗ ଜର୍ଜ ମେଡିକାଲ ବିଶ୍ୱବିଦ୍ୟାଳୟ ଓପିଡିକୁ ଦିନକୁ ସର୍ବାଧିକ ହାରାହାରି ୪୭୩୧ ରୋଗୀ ଯାଉଥିବା ଦର୍ଶାଯାଇଛି । ବିଦ୍ୟାର୍ଥୀ ଏବଂ ଫେକଲ୍‌ଟି ଅନୁପାତରେ ସିକିମ୍ ମନିପାଲ ବିଶ୍ୱବିଦ୍ୟାଳୟ ଉପରେ ରହିଛି ।

# ଚିଲିକାର ବିକାଶ ପାଇଁ ଅର୍ଥ କମିସନ୍‌ଙ୍କ ସହାୟତା ମିଳୁନି, କେନ୍ଦ୍ର ସରକାର ରାଜ୍ୟର ଦାବି ଶୁଣୁ ନାହାନ୍ତି : ସଞ୍ଜୟ



ଭୁବନେଶ୍ୱର,୪/୮ (ନି.ପ୍ର): ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗଠନ ହେବା ପରେ କେନ୍ଦ୍ର ସରକାରଙ୍କ ଦଶମ ଅର୍ଥ କମିସନ୍ ୨୭ କୋଟି, ଏକାଦଶ ଅର୍ଥ କମିସନ୍ ୩୦ କୋଟି, ଦ୍ୱାଦର୍ଶ ଅର୍ଥ କମିସନ୍ ୩୦ କୋଟି ଓ ତ୍ରୟୋଦଶ ଅର୍ଥ କମିସନ୍ ୫୦ କୋଟି ଟଙ୍କା ମଞ୍ଜୁର କରିଥିଲେ । ଏହି ଅର୍ଥରେ ଚିଲିକା ହ୍ରଦର ସୁରକ୍ଷା, ପର୍ଯ୍ୟାବରଣ ସନ୍ତୁଳନ, ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ଜୀବନଜୀବିକା, ବିଶେଷ କରି ଚିଲିକା ଉପରେ ନିର୍ଭର କରୁଥିବା ସମସ୍ତ ଅଧିବାସୀଙ୍କ ପାରିପାର୍ଶ୍ୱିକ ଓ ସମନ୍ୱିତ ବିକାଶ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୦ ବର୍ଷ ଧରି ବହୁ ପଦକ୍ଷେପ ନିଆଯାଇଛି । କିନ୍ତୁ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିସନ୍ ଏ ବାବଦରେ ଅର୍ଥ ଦେଉ ନାହାନ୍ତି । ଆଜି ଚିଲିକାର ସୁରକ୍ଷା ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବୈଠକରେ ଅଧକ୍ଷତା କରି ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା ଏ ନେଇ କ୍ଷୋଭ ପ୍ରକାଶ କରିବା ସହ ଚିଲିକାରେ ଏକ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଥିଲେ ।

ଶ୍ରୀ ଦାସବର୍ମା କହିଥିଲେ ଯେ ଚତୁର୍ଦ୍ଦଶ ଅର୍ଥ କମିସନ୍‌ଙ୍କ ନିକଟରେ ସମନ୍ୱିତ ଉପକୂଳ ପରିଚାଳନା ଓ ଚିଲିକାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧୦ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଥିଲା । ସେହିପରି ପଞ୍ଚଦଶ ଅର୍ଥ କମିସନ୍‌ଙ୍କ ପାଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଲିକା ପାଇଁ ୫୨୦ ଟଙ୍କାର ଦାବି ଉପସ୍ଥାପନ କରାଯାଇଥିଲା । କିନ୍ତୁ ଦୁର୍ଭାଗ୍ୟର କଥା କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏ ଦିଗରେ ରାଜ୍ୟର ଦାବିକୁ ଗୁରୁତ୍ୱ ଦେଇ ନାହିଁ । ଚିଲିକା ଏସିଆ ମହାଦେଶର ସର୍ବବୃହତ ଖାରିଜଳ ହ୍ରଦ । ଭାରତୀୟ ଉପମହାଦେଶର ଏକ ବିଶାଳ ଆର୍ଦ୍ରଭୂମି ତଥା ପ୍ରାକୃତିକ ସମ୍ପଦ । ଏହାର ସୁରକ୍ଷା ପାଇଁ ୧୯୯୧ ମସିହାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଗଠନ ହେବା ସହ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିନୋଲୋଜି ଓ ଆଇଆଇଟି ଖଡ଼ଗପୁର ଏହାର ପର୍ଯ୍ୟାବରଣ ଓ ଇକୋସିଷ୍ଟମର ସୁରକ୍ଷା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହି ରିପୋର୍ଟ ଆଧାରରେ ଆଜି ପର୍ଯ୍ୟନ୍ତ ସିଡିଏ ଜରିଆରେ ଚିଲିକାର ସମନ୍ୱିତ ବିକାଶ ଓ ଚିଲିକା ଜୈବ ବିବିଧତାର ସୁରକ୍ଷା ଏବଂ ଚିଲିକାକୁ ଆଧାର କରି ବଞ୍ଚୁଥିବା ଅଧିବାସୀଙ୍କର ଜୀବନଜୀବିକାର ସୁରକ୍ଷା ପାଇଁ କାର୍ଯ୍ୟ ହେଉଛି ।

ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଚିଲିକାର ସମସ୍ତ ଲିଙ୍କ୍ ଚ୍ୟାନେଲର ସୁରକ୍ଷା, ପର୍ଯ୍ୟାବରଣର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଉନ୍ନୟନ କାମ ହାତକୁ ନେବା ପାଇଁ ତୁରନ୍ତ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଓଡ଼ିଶାକୁ ସୁହାଉନି କେନ୍ଦ୍ରର ୭୫-୨୫ ଟିକା ନୀତି

ଭୁବନେଶ୍ୱର ,୪/୮ (ନି.ପ୍ର): ଓଡ଼ିଶାକୁ ସୁହାଉନି କେନ୍ଦ୍ର ସରକାରଙ୍କ ୭୫-୨୫ ପ୍ରତିଶତ ଟିକା ନୀତି । ରାଜ୍ୟରେ ଘରୋଇ ହସ୍ପିଟାଲମାନେ ଆବଣ୍ଟିତ ଟିକାର ଶତ ପ୍ରତିଶତ ଟିକା ଉଠାଇବାରେ ବିଫଳ ହୋଇଛନ୍ତି । ଗତ ଜୁଲାଇ ମାସରେ ଆବଣ୍ଟିତ ହୋଇଥିବା ଟିକାର ମାତ୍ର ୫ ପ୍ରତିଶତ ରାଜ୍ୟ ଘରୋଇ ହସ୍ପିଟାଲ ଉଠାଇବାରେ ସକ୍ଷମ ହୋଇଛନ୍ତି । ଯାହାଫଳରେ ରାଜ୍ୟର ଘରୋଇ ହସ୍ପିଟାଲ ପାଇଁ ରହିଥିବା ଆବଣ୍ଟିତ ଟିକାକୁ ସଂପୂର୍ଣ୍ଣ ପାଇବା ସମ୍ଭବ ହୋଇନାହିଁ । ଏଭଳି ପରିସ୍ଥିତିରେ ଅଗଷ୍ଟ ମାସରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

ରାଜ୍ୟ ସରକାର ମଧ ଏଭଳି ଆଶଙ୍କା କରି ଏଥିରେ ସଂଶୋଧନ କରିବା ଲାଗି କେନ୍ଦ୍ରକୁ ଚିଠି ଲେଖିଥିଲେ । ମାତ୍ର କେନ୍ଦ୍ର ଏଥିପାଇଁ କିଛି ନିଷ୍ପତ୍ତି ନେଇନାହିଁ । ଜୁନ୍ ୨୧ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ଟିକା ନୀତି ଲାଗୁ ହୋଇଛି । ଏଥିରେ କେନ୍ଦ୍ର ସରକାର ଟିକା ପ୍ରସ୍ତୁତକାରୀ କମ୍ପାନିଙ୍କଠାରରୁ ସିଧାସଳଖ ୭୫ ପ୍ରତିଶତ ଟିକା କିଣିବା ସହିତ ରାଜ୍ୟମାନଙ୍କୁ ବଣ୍ଟନ କରିବେ । ବଳକା ୨୫ ପ୍ରତିଶତ ଘରୋଇ ହସ୍ପିଟାଲମାନେ କମ୍ପାନିଠାରୁ କିଣିପାରିବେ । ଦେଶରେ ଏବେ ସରକାରୀ ସ୍ତରରେ ଦୁଇଟି ଟିକା ଦିଆଯାଉଥିବା ବେଳେ ସରକାର ଘରୋଇ ହସ୍ପିଟାଲ ପାଇଁ ଦର ଧାର୍ଯ୍ୟ କରିଛନ୍ତି । ଏହାସହ ଘରୋଇ ହସ୍ପିଟାଲମାନେ କେଉଁଭଳି ଢଙ୍ଗରେ ଟିକା ପାଇଁ ଆବେଦନ କରିବେ ତାହାର ମଧ ଏକ ଫର୍ମୁଲା କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଛି । ଏସବୁ ସତ୍ତ୍ୱେ ରାଜ୍ୟରେ ଘରୋଇ ହସ୍ପିଟାଲରେ ଟିକାକରଣ ଆଖିଦୃଶିଆ ହୋଇପାରି ନାହିଁ ।

ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଜୁଲାଇ ମାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟର ଘରୋଇ ହସ୍ପିଟାଲ ପାଇଁ ୮,୪୩,୯୩୦ ଡୋଜ୍ କୋଭିସିଲ୍‌ଡ ଓ ୧,୭୩୦୪୦ ଡୋଜ୍ କୋଭାକ୍ସିନ୍ ଡୋଜ୍‌କୁ ମିଶାଇ ସମୁଦାୟ ୧୦,୧୬,୯୭୦ ଡୋଜ୍ ଆବଣ୍ଟନ କରିଥିଲେ । ହେଲେ ରାଜ୍ୟର ଘରୋଇ ହସ୍ପିଟାଲମାନଙ୍କ ମଧ୍ୟରୁ କୋଭିସିଲ୍‌ଡ ୫୦ହଜାର ୫ଶହ ଓ ୪୮୦ ଡୋଜ୍‌ର କୋଭାକ୍ସିନ୍ ପାଇଁ ପରଚେଜ୍ ଅର୍ଡର ଦିଆଯାଇଥିଲା । ତହିଁରୁ ୪୮,୫୦୦ କୋଭିସିଲ୍‌ଡ ଘରୋଇ ହସ୍ପିଟାଲ ପାଇଥିବା ବେଳେ ଆଉ ୨ହଜାର ଡୋଜ୍ ବାକି ରହିଛି । ସେହିପରି ପରଚେଜ୍ ଅର୍ଡରର ୪୮୦ ଡୋଜ୍ କୋଭାକ୍ସିନ୍ ଏ ପର୍ଯ୍ୟନ୍ତ ଆସିନାହିଁ । ତେଣୁ ଆବଣ୍ଟିତ ଟିକାର ମାତ୍ର ୫ ପ୍ରତିଶତ ଟିକା ଘରୋଇ ହସ୍ପିଟାଲ ଉଠାଇବାରେ ସକ୍ଷମ ହୋଇଛନ୍ତି । ଜୁଲାଇ ମାସ ପାଇଁ ରାଜ୍ୟର ୮ଟି ଜିଲ୍ଲାରେ ୨୪ଟି ଘରୋଇ ହସ୍ପିଟାଲ କୋ-ୱିନ୍ ଆପ୍‌ରେ ଟିକା ପାଇଁ ଆବେଦନ କରିଥିଲେ । ଏଥିରେ କଟକରେ ସର୍ବାଧିକ ୭ଟି ଥିବା ବେଳେ ଅନୁଗୁଳ ୫, ସୁନ୍ଦରଗଡ଼ ୪, ଖୋର୍ଦ୍ଧା, ଢେଙ୍କାନାଳରେ ୨, ବାଲେଶ୍ୱର, ଭଦ୍ରକ, ବରଗଡ଼ ଓ ରାୟଗଡ଼ାର ଗୋଟିଏ ଲେଖାଏଁ ହସ୍ପିଟାଲ ପରଚେଜ୍ ଅର୍ଡର ଦେଇଥିଲେ । ସୁନ୍ଦରଗଡ଼ର ଦୁଇଟି ହସ୍ପିଟାଲ କେବଳ କୋଭାକ୍ସିନ୍ ପାଇଁ ଆବେଦନ କରିଥିବା ଜଣାପଡ଼ିଛି । ଚଳିତ ଅଗଷ୍ଟ ମାସରେ କେନ୍ଦ୍ର ପକ୍ଷରୁ ଘରୋଇ ହସ୍ପିଟାଲ ପାଇଁ ୯ଲକ୍ଷ ୭୬ହଜାର ୨୯୦ ଡୋଜ୍ ଟିକା ଆବଣ୍ଟନ କରାଯାଇଛି । ଜୁଲାଇ ତୁଳନାରେ ଅଗଷ୍ଟରେ ଘରୋଇ ହସ୍ପିଟାଲର ଟିକା ଚାହିଦା ହ୍ରାସ ଦେଖିବାକୁ ମିଳିଛି । ରାଜ୍ୟ ସରକାର ଘରୋଇ ହସ୍ପିଟାଲ ପାଇଁ ଆବଣ୍ଟିତ ୨୫ ପ୍ରତିଶତକୁ ୫ ପ୍ରତିଶତକୁ ହ୍ରାସ କରିବା ଲାଗି କେନ୍ଦ୍ର ନିକଟରେ ଦାବି କରିଆସୁଛନ୍ତି । ରାଜ୍ୟ ସରକାରଙ୍କ ମତରେ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଘରୋଇ ହସ୍ପିଟାଲ ମାତ୍ର ୫ ପ୍ରତିଶତ । ତେଣୁ ୨୫ ପ୍ରତିଶତ କୋଟାରେ ହ୍ରାସ କରିବା ଲାଗି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପାଇଁ କେନ୍ଦ୍ରକୁ ଚିଠି ମଧ ଦିଆଯାଇଛି । ମାତ୍ର ଏହି ନୀତିରେ କୌଣସି ପରିବର୍ତନ ହୋଇନାହିଁ । ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ୭୫-୨୫ ଟିକା ନୀତିରେ ସଂଶୋଧନ ନ ହେଲେ ରାଜ୍ୟ ଏଭଳି ଟିକା ହରାଇବ ।

# ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥମେଟିକାଲ ସାଇନ୍ସର ସୂଚନା : ଭୁବନେଶ୍ୱର ଓ ପୁରୀରେ ୧ ଉପରେ ରହିଛି ଆର୍ ଭାଲ୍ୟୁ

ଭୁବନେଶ୍ୱର,୪/୮ (ନି.ପ୍ର): ଭୁବନେଶ୍ୱର ଓ ପୁରୀରେ ୧ ଉପରେ ରହୁଛି ଆର ଭାଲ୍ୟୁ । ଏନେଇ ସୂଚନା ଦେଇଛି ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକାଲ ସାଇନ୍ସ । ଆଇଏମଏସସିର ସୂଚନା ଅନୁସାରେ, ଭୁବନେଶ୍ୱର, କଟକ, ପୁରୀ, କନ୍ଧମାଳ ଓ ଖୋର୍ଦ୍ଧାରେ ଜୁଲାଇ ୨୩ରୁ ଅଗଷ୍ଟ ୧ ମଧ୍ୟରେ ଆର୍ ଭାଲ୍ୟୁ ହାରାହାରି ୦.୮୯ ପ୍ରତିଶତ ରହିଛି । ଭୁବନେଶ୍ୱରରେ ସର୍ବାଧିକ ଆର ଭାଲ୍ୟୁ ୧.୨୪ ଥିବା ବେଳେ ପୁରୀରେ ଆର ଭାଲ୍ୟୁ ୧.୧୩ ରହିଛି । ରାଜଧାନୀରେ ୧୨୪ ଜଣଙ୍କୁ ସଂକ୍ରମିତ କରୁଛନ୍ତି ୧୦୦ ଜଣ । ସେହିପରି ପୁରୀରେ ୧୧୩ ଜଣଙ୍କୁ ୧୦୦ ଜଣ ସଂକ୍ରମିତ କରୁଛନ୍ତି । କଟକ ସହରରେ ୦.୯୭, କଟକ ଜିଲ୍ଲାରେ ୦.୯୧, ଖୋର୍ଦ୍ଧାରେ ୦.୯୪ ଓ କନ୍ଧମାଳରେ ଆର ଭାଲ୍ୟୁ ରହିଛି ୦.୯୨ । ସେହିପରି ଭଦ୍ରକ ଓ ଜଗତସିଂହପୁରରେ ଆର ଭାଲ୍ୟୁ ୧ ପାଖାପାଖି ରହୁଛି । ଭବିଷ୍ୟତରେ ଏହି ସ୍ଥାନରେ ଆର ଭ୍ୟାଲୁ ୧ ପାର କରିପାରେ ବୋଲି ଆଇଏମଏସସି ପକ୍ଷରୁ କୁହାଯାଇଛି ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା ଶୀର୍ଷକ ୱେବିନାର ଆୟୋଜିତ

ଭୁବନେଶ୍ୱର,୦୪/୦୮(ନି.ପ୍ର): କେନ୍ଦୁଝରସ୍ଥିତ ଭାରତ ସରକାରଙ୍କ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା' ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ପତ୍ର ସୂଚନା କାର୍ଯ୍ୟାଳୟ ଓ ଆଞ୍ଚଳିକ ଲୋକସଂପର୍କ କାର୍ଯ୍ୟାଳୟ ଭୁବନେଶ୍ୱରର ମୁଖ୍ୟ ଶ୍ରୀ ରାଜିନ୍ଦର ଚୌଧୁରୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏଥିରେ ଆଞ୍ଚଳିକ ଲୋକସଂପର୍କ କାର୍ଯ୍ୟାଳୟ ଭୁବନେଶ୍ୱର ର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନୁଶୟା ସାହୁ, ବରିଷ୍ଠ ଜିଲ୍ଲା ଶିଶୁରୋଗ ବିଶେଷଜ୍ଞ ଡାଃ ଅଜୟକୁମାର ମହାନ୍ତି, ୟୁନିସେଫ ର ଜିଲ୍ଲା ପରାମର୍ଶଦାତା ଶ୍ରୀ ଗୋବିନ୍ଦ ସେଠୀ ଯୋଗଦେଇ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ମା' ର ସ୍ତନରୁ ଝରୁଥିବା କ୍ଷୀର ପାଇଁ ଅମୃତର ଧାରା; ଯାହା ପ୍ରତିଷେଧକ ଟିକା ସଦୃଶ ଶିଶୁକୁ ସମସ୍ତ ରୋଗ ଓ ଜଟିଳତାକୁ ରକ୍ଷା କରିଥାଏ । ଏହାର ଅଂଶସ୍ୱରୂପ କେନ୍ଦୁଝରସ୍ଥିତ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୂପ ସଚେତନତା ମୂଳକ ୱେବିନାର ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ପତ୍ର ସୂଚନା କାର୍ଯ୍ୟାଳୟ ଓ ଆଞ୍ଚଳିକ ଲୋକସଂପର୍କ କାର୍ଯ୍ୟାଳୟ ଭୁବନେଶ୍ୱରର ମୁଖ୍ୟ ଶ୍ରୀ ରାଜିନ୍ଦର ଚୌଧୁରୀ ମାତୃ ସ୍ତନ୍ୟପାନ ଶିଶୁର ଜନ୍ମଗତ ଅଧିକାର ଓ ଶିଶୁ ପାଇଁ ସ୍ତନ୍ୟପାନ ହିଁ ସମ୍ପୂର୍ଣ୍ଣ ଆହାର ଓ ପ୍ରତି ସ୍ତନପାୟୀ ପ୍ରାଣୀ ସେମାନଙ୍କ ଶିଶୁଙ୍କ ସ୍ତନ୍ୟପାନ କରାଇଥାନ୍ତି ଓ ସେମାନଙ୍କ ଆବଶ୍ୟକତା ଅନୁଯାୟୀ



ଶାରୀରିକ ଓ ମାନସିକ ଅଭିବୃଦ୍ଧି ପାଇଁ ହୋଇଥାଏ ବୋଲି ମତାମତ ରଖିଥିଲେ । ଡାଃ. ଅଜୟକୁମାର ମହାନ୍ତି ମାତୃ ସ୍ତନ୍ୟପାନ ର ବିଭିନ୍ନ ତଥ୍ୟ ଓ ଅଭ୍ୟାସ ବିଷୟରେ ସବିଶେଷ ଆଲୋଚନା କରିଥିଲେ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନୁଶୟା ସାହୁ ସ୍ତନ୍ୟପାନ ପାଇଁ ମା' ଙ୍କୁ ଉତ୍ସାହିତ କରିବା ସହ ସାହାଯ୍ୟ ମଧ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ଓ ୟୁନିସେଫ ର ଜିଲ୍ଲା ପରାମର୍ଶଦାତା ଶ୍ରୀ ଗୋବିନ୍ଦ ସେଠୀ ଯୋଗଦେଇ ସ୍ତନ୍ୟପାନ ଓ ନବଜାତ ଶିଶୁର ପୋଷଣୀ ସମ୍ପର୍କିତ ଆଇନ ବିଷୟରେ ଆଲୋଚନା କରିଥିଲେ ଓ ୱେବିନାର ରେ ଭାଗନେଇଥିବା ବ୍ୟକ୍ତି ବିଶେଷଙ୍କର ବିଭିନ୍ନ ପ୍ରଶ୍ନର ଜବାବ ଅତିଥିମାନେ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକର ସି ଡି ପି ଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଏସଏଚଜି ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ । କେନ୍ଦୁଝର କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଘରୋଇ ଭଳି ସରକାରୀ ସ୍କୁଲରେବି....

କେନ୍ଦ୍ର ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା, ୨୦୨୧ରୁ ଆରମ୍ଭ ହୋଇ ୨୦୨୬, ଅର୍ଥାତ୍ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବ । ବିଭିଧ ଭାଷା ଓ ବିଭିନ୍ନ କ୍ଷମତା ପୃଷ୍ଠଭୂମିର ପିଲାମାନଙ୍କୁ ଶ୍ରେଣୀଗୃହ ଶିକ୍ଷା ପ୍ରକ୍ରିୟାରେ ସକ୍ରିୟ କରାଯିବାର ବ୍ୟବସ୍ଥା ହୋଇଛି । ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯିବ । ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ବ୍ୟାଙ୍କ ଖାତାରେ କମ ସମୟ ମଧ୍ୟରେ ଜମା ହେବ । ୫ ବର୍ଷ ମଧ୍ୟରେ ଅନ୍ତତଃ ଥରେ ସବୁ ସ୍କୁଲର ସୋସିଆଲ୍ ଅଡିଟ୍ କରାଯିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରି-ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର, ଶିକ୍ଷକ, ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଏହି ଯୋଜନା କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପ ।

## ନିୟମ ପାଳନରେ ହେଳା କଲେ....

ଯେ ଲୋକମାନେ କୋଭିଡ ନିୟମକୁ ଠିକ୍ ଭାବରେ ପାଳନ କରୁନାହାନ୍ତି, ତେବେ ପୁଣି ଥରେ ସମ୍ପୂର୍ଣ୍ଣ ଲକ୍ ଡାଉନ୍ ଘୋଷଣା କରିବାକୁ ସରକାର ବାଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ ଏପର୍ଯ୍ୟନ୍ତ ସରିନାହିଁ। ଦେଶର ଅନ୍ୟ ରାଜ୍ୟ ମାନଙ୍କରେ କୋଭିଡ କେସ୍ ବଢୁଛି। ଭୁବନେଶ୍ୱରରେ ସଂକ୍ରମଣ ସ୍ଥିର ଅବସ୍ଥାରେ ଅଛି। ଜୀବନ ଓ ଜୀବିକା ଉଭୟକୁ ଗୁରୁତ୍ୱ ଦେଇ ଓଡିଶା ଧୀରେ ଧୀରେ ଅନ୍‌ଲକ୍ ହେଉଛି। କିନ୍ତୁ ବିପଦ ଏପର୍ଯ୍ୟନ୍ତ ଦୂର ହୋଇନାହିଁ। କରୋନା ଭାଇରସ୍ ଏବେ ବି ଆମ ଆଖପାଖରେ ରହିଛି ଓ ରୂପ ବଦଳାଇ ଗୁରୁତର ଆକ୍ରମଣ କରିବା ଶକ୍ତି ମଧ ତାର ରହିଛି। ତେଣୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାହା ହିଁ ଆମେ ତୃତୀୟ ଲହରର ପ୍ରଭାବକୁ କମ୍ କରିଦେଇପାରିବା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦ୍ୱିତୀୟ ଲହରରେ ଅନ୍ୟ ରାଜ୍ୟ ମାନଙ୍କର ଯେଭଳି ଅବସ୍ଥା ଆମେ ଦେଖିଲେ, ସେ ପରିସ୍ଥିତି ଓଡିଶାରେ ଘଟି ନାହିଁ। ଆମର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କର କଠିନ ପରିଶ୍ରମ ଯୋଗୁଁ ଓଡିଶା ଆଜି ଭଲ ସ୍ଥିତିରେ ଅଛି। ଡାକ୍ତର ମାନେ ଆମର ସୁରକ୍ଷା ପାଇଁ ଦିନରାତି କାମ କରୁଛନ୍ତି। ତେଣୁ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଆମକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ହେବ। ଦ୍ୱିତୀୟ ଲହରର ମୁକାବିଲାରେ ଜନସାଧାରଣ ଯେପରି ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ନିଷ୍ପତି ଆପଣମାନଙ୍କ ହାତରେ। ଜୀବନ ଅମୂଲ୍ୟ। ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ହିଁ ତୃତୀୟ ଲହରକୁ ରୋକିପାରିବ। ତେଣୁ ଓଡିଶାକୁ ନିରାପଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ 'ଆପଣଙ୍କ ପ୍ରିୟଜନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ନିରାପଦ ଭାବରେ ଜୀବନଜୀବିକା ଯେପରି ଆଗକୁ ବଢିଚାଲିବ ସେଥିରେ ସହଯୋଗ କରନ୍ତୁ।

# ସିବିଏସ୍‌ଇ ଦଶମ ପରିକ୍ଷାରେ ଇଫ୍‌କୋ ଡିଏଭିର ସଫଳ : ୯୯ ପ୍ରତିଶତ ନମ୍ବର ରଖି ସମ୍ବିତ ଶୀର୍ଷରେ



ପାରାଦ୍ୱୀପ,୦୪/୦୮ (ନି.ପ୍ର): ପାରାଦ୍ୱୀପ ଇଫ୍‌କୋ ଡିଏଭି ବିଦ୍ୟାଳୟର ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକଣ୍ଡାରୀ ଏଜୁକେସନ (ସିବିଏସ୍‌ଇ) ଦଶମ ଶ୍ରେଣୀ ର ପରୀକ୍ଷା ଫଳ ପ୍ରକାଶିତ ହୋଇଛି । କୋଭିଡ୍-୧୯ କାରଣରୁ ପୂର୍ବ ପରୀକ୍ଷା ଆଧାରରେ ହୋଇଥିବା ମୂଲ୍ୟାଙ୍କନ ଅନୁଯାୟୀ ସମସ୍ତ ୬୪ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବା ଓ ୬୧ଜଣ ପରିକ୍ଷାର୍ଥୀ ପ୍ରଥମ ଶ୍ରେଣୀ ରେ ଉତ୍ତିର୍ଣ୍ଣ ହେବା ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ଏହି ପରିକ୍ଷାରେ ସମ୍ବିତ ରାଉଳ ସର୍ବୋଚ୍ଚ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ୯୮ ଓ ୯୭.୪୦ ପ୍ରତିଶତ ନମ୍ବର ରଖି ଅଂଶକ ମହାନ୍ତି ଓ ଉଜ୍ଜ୍ୱଳ ବାଜପାୟୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ତେବେ ହାରାହାରି ବିଦ୍ୟାଳୟ ପ୍ରାପ୍ତଙ୍କ ୮୦.୩୫% ରହିବା ଏବଂ ସର୍ବୋଚ୍ଚ ପ୍ରାପ୍ତାଙ୍କ ପୂର୍ବବର୍ଷ ତୁଳନାରେ ବୃଦ୍ଧି ହେବା ଦୃଷ୍ଟିରୁ ସ୍କୁଲ ପରିଚାଳକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ବାଲେଶ୍ୱରରେ ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତି ତାତି

## ସିବିଆଇ ତଦନ୍ତ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର,୦୪/୦୮ (ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ସଦସ୍ୟଙ୍କ ବ୍ୟକ୍ତିଗତ ସଚିବଙ୍କଠାରୁ କୋଟି କୋଟି ଟଙ୍କା ଓ ସୁନାଗହଣା ଜବତ ଘଟଣା ରାଜ୍ୟ ସରକାରଙ୍କ ମେଧା ଚୟନ ଭତ୍ତିକ ନିଯୁକ୍ତି ପ୍ରକ୍ରିୟା ଏକ ପ୍ରହସନ ବୋଲି ଆରୋପ ଉଠାଇଛି ଜିଲା ଛାତ୍ର କଂଗ୍ରେସ। ରାଜ୍ୟର ବଡ଼ ବଡ଼ ନିଯୁକ୍ତି ପରୀକ୍ଷାରେ ଚାଲିଥିବା ଦୁର୍ନୀତି ଯୋଗୁଁ ଉପଯୁକ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଅନ୍ଧାରକୁ ଚାଲିଯାଉଛି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ କଂଗ୍ରେସ ନେତାମାନେ କହିଛନ୍ତି। ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ତଥା ଛାତ୍ରଛାତ୍ରୀମାନେ ଜିଲାପାଳଙ୍କ



କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ପ୍ରଭାରୀ ନୀତେଶ ରଂଜନ ବେହେରା ଓ ରହିମତ ଅଲି, ନିହାର ରଂଜନ ବେହେରା, ଜୀବନ ମହାପାତ୍ର, ଅଜିତ କୁମାର ବାରିକ, ରାଧାକାନ୍ତ ସାହୁ, ସୌରଭ ବେହେରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି ରାଜ୍ୟ ମହିଳା କଂଗ୍ରସ ସାଧାରଣ ସମ୍ପାଦକା ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସୀ, ଜିଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ନୀତିଯୁକ୍ତ ନିଯୁକ୍ତି ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ଏହି ଦୁର୍ନୀତି ଚାଲିଥିବା ବେଳେ ଏଥିରେ କେବଳ ବିରଞ୍ଚି ସାହୁ ନୁହେଁ ବରଂ ରାଜ୍ୟ ମନ୍ତ୍ରୀମଣ୍ଡଳଠାରୁ ଅମଲାତନ୍ତ୍ର ପର୍ଯ୍ୟନ୍ତ ବହୁ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ବକ୍ତାମାନେ କହିଥିଲେ। ଫଳରେ ବହୁ ମେଧାବୀ ପ୍ରାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଯାଇଛି। ଏହି ମହାଦୁର୍ନୀତିର ଉଚ୍ଚସ୍ତରୀୟ ତଥା ସ୍ୱତନ୍ତ୍ର କମିଟି ଦ୍ୱାରା ତଦନ୍ତ ପାଇଁ ଜିଲା ଛାତ୍ର କଂଗ୍ରେସ ଦାବି କରିଛି। ଏନେଇ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ବିକ୍ଷୋଭ ବେଳେ ବ୍ୟାରିକେଟ ଭାଙ୍ଗି ଜବରଦସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ ପାଇଁ ଚେଷ୍ଟା କରୁଥିବା ଛାତ୍ର କଂଗ୍ରେସର ନେତା ଓ ସଦସ୍ୟମାନଙ୍କୁ ପୁଲିସ ଗାଡ଼ିକୁ ଉଠାଇ ସହର ବାହାରେ ଛାଡ଼ିଥିବା ଜଣାପଡ଼ିଛି।

# ଗ୍ରାମ୍ୟ ବ୍ୟାଙ୍କ୍ ଅଧିକାରୀମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଗ୍ରାମ୍ୟ ବ୍ୟାଙ୍କ୍ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୫ ଲକ୍ଷ ୨୫ ହଜାର ୫ ଶହ ଟଙ୍କା ଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍. ଏବଂ ଜେନେରାଲ୍ ମ୍ୟାନେଜର ବସନ୍ତ କୁମାର ପାତ୍ରଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ଅନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ନିର୍ଦ୍ଦେଶକ ଡଃ ପ୍ରଜ୍ଞାସ୍ମିତା ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ମୋହନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର କୋଭିଡ୍ ପରିଚାଳନା ଉତ୍ତମ ସ୍ତରର ହୋଇଛି । ଓଡ଼ିଶା ଅନ୍ୟରାଜ୍ୟକୁ ଅମ୍ଳଜାନ ଯୋଗାଇଛି । କୋଭିଡ୍ ଚିକିତ୍ସାପାଇଁ ସ୍ୱତନ୍ତ୍ର ହସ୍ପିଟାଲ୍, ମାଗଣା ଔଷଧ ଓ ଚିକିତ୍ସା ଆଦି କ୍ଷେତ୍ରରେ ରାଜ୍ୟ ଅନେକ ଉଦାହରଣ ସୃଷ୍ଟି କରିଛି । ରାଜ୍ୟର ଏହି ଲଢ଼େଇରେ ଯୋଗଦାନ ସ୍ୱରୂପ ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀମାନେ ନିଜ ନିଜ ଦରମାରୁ ମିଳିତ ଭାବେ ଏହି ପାଣ୍ଠି ଦାନ କରିଛନ୍ତି । ଅଧ୍ୟକ୍ଷ ନିଜେ ୧ ଲକ୍ଷ ଟଙ୍କା ଦାନ କରିଥିବା ବେଳେ ବିଭିନ୍ନ ଅଧିକାରୀ ମାନେ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଦାନ କରିଛନ୍ତି । ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଏତାଦୃଶ ସହଯୋଗ ନିମନ୍ତେ ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ନିଜ ଜୀବନଧାରାରେ କୋଭିଡ୍ ନିୟମ ଅନୁପାଳନ ଜାରି ରଖିବାକୁ ଅନୁରୋଧ କରିଥିଲେ ।

# ଭଞ୍ଜସେନା ପକ୍ଷରୁ ଉଦଳାରେ ଧାରଣା



ଉଦଳା,୦୪/୦୮ (ନି.ପ୍ର): ମୟୂରଭଞ୍ଜର ଜାଗ୍ରତ ପ୍ରହରୀ 'ଭଞ୍ଜ ସେନା'ର କପ୍ତିପଦା ଉପଖଣ୍ଡ ଶାଖା ତରଫରୁ ଆଜି ଅଗଷ୍ଟ ୪ ତାରିଖ ବୁଧବାର ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭଞ୍ଜ ସେନାର କର୍ମୀ ମାନେ କୋଭିଡ଼୍ ଗାଇଡ଼୍ ଲାଇନକୁ ଆଖି ଆଗରେ ରଖି ଶୃଙ୍ଖଳିତ ଭାବରେ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା । କପ୍ତିପଦା ଉପଖଣ୍ଡର ସାମଗ୍ରୀକ ବିକାଶ ପାଇଁ ବହୁ ଦିନରୁ ସର୍ଭେ ସରିଥିବା ୮୭୫ କିମି ଭଦ୍ରାଚଲମ - ଖଡ଼ଗପୁର ରେଳପଥର ନିର୍ମାଣ କାମ ତୁରନ୍ତ ଆରମ୍ଭ କରାଯାଉ । ତାହାଛଡ଼ା ନିଳଗିରି - ଉଦଳା ୨୨ କିମି ରୁଟ ପାଇଁ ତୁରନ୍ତ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଉ । ସେହିପରି କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ଦେବକୁଣ୍ଡ, ଶମୀବୃକ୍ଷ, ଟୁଙ୍କି ଜଳପ୍ରପାତ, ମାଛ କାନ୍ଦଣା, ଚିଙ୍ଗୁଡ଼ିଆ ଜଳପ୍ରପାତ ଇତ୍ୟାଦି ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଉ । କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଡ଼ାକ୍ତର ଓ କର୍ମଚାରୀ ଅଭାବ ସମସ୍ୟାର ତୁରନ୍ତ ସମାଧାନ କରାଯାଉ ପ୍ରଭୃତି ଦାବୀ ଭଞ୍ଜ ସେନା ତରଫରୁ କରାଯାଇଛି । ଏ ବାବଦରେ ଦାବୀ ପତ୍ର ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଜରୀଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବାର ଜଣା ଯାଇଛି । ଭଞ୍ଜ ସେନାର ଉପରୋକ୍ତ ଦାବୀକୁ ବିଭିନ୍ନ ମହଲରେ ପ୍ରଶଂସା କରିବା ସହିତ ସମର୍ଥନ ମଧ୍ୟ ମିଳିଥିବାର ଜଣାଯାଇଛି । ଆଜିର ଏହିତ ଧାରଣା ପର୍ବକୁ ସଫଳ କରିବା ପାଇଁ ଭଞ୍ଜ ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଆଦିବାସୀ ସେଲର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶିବ ଶଙ୍କର ସିଂ, ଜିଲ୍ଲା ଉପସଭାପତି ଜିତେନ୍ଦ୍ର ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ସର୍ଣ୍ଣ ହେମ୍ବ୍ରମ, ସଞ୍ଜୟ ହାଁସଦା, ଗଜେନ୍ଦ୍ର ମହାନ୍ତି, ଦୀପୁ ସିଂ, ଆଲୋକ ବେହେରା ଚନ୍ଦନ ସ୍ୱାଇଁ , କିଶ୍ୱର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ନବୀନଙ୍କ କୁଶପୁତ୍ତଳିକା ଦାହ

ନୀଳଗିରି,୦୪/୦୮ (ନି.ପ୍ର): ଓଡ଼ିଶା ଷ୍ଟାପ ସିଲେକ୍ସନ କମିଶନ ନିଯୁକ୍ତିରେ ବ୍ୟାପକ ଅନିୟମିତତା ତଥା ଦୁର୍ନୀତି ହୋଇଥିବା ଅଭିଯୋଗ କରି ସ୍ଥାନୀୟ ବିଜେପି ଯୁବମୋର୍ଚ୍ଚା ତରଫରୁ ନୀଳଗିରି କଚେରୀ ବଜାର ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୂଚନା ଯେ, କିଛିଦିନ ପୂର୍ବରୁ ଷ୍ଟାଫ ସିଲେକ୍ସନ ନିଯୁକ୍ତିକୁ ନେଇ କର୍ମଚାରୀ ବିରଞ୍ଚି ସାହୁଙ୍କୁ ଭିଜିଲାନ୍ସ ଚଢ଼ଉ କରି କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଥିଲା। ମେଧା ପରିବର୍ତ୍ତେ ଟଙ୍କା ନେଇ ଏଭଳି ବେଆଇନ ନିଯୁକ୍ତିକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା। ଆଜି ନୀଳଗିରି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ନଗର ସଭାପତି ରାକେଶ ମହଲଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭାଯାତ୍ରା ଅନୁଷ୍ଠିତ ହୋଇ ବିକ୍ଷୋଭ କରାଯାଇଛି। ନିଜର ଅସନ୍ତୋଷ ଜାହିର କରି ନବୀନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିରେ ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସମର ଶଙ୍କର କାନୁନଗୋ, ଜିଲା ଉପସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜିଲା ସମ୍ପାଦକ ଦେବାଶିଷ ଆଚାର୍ଯ୍ୟଙ୍କ ସମେତ ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଆଇଟିଆଇ ଛାତ୍ରର ମୃତ

ଜଳେଶ୍ୱର,୦୪/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଥାନା ଅନ୍ତର୍ଗତ ମାକିଡିଆ ଗ୍ରାମର ଜଣେ ଯୁବକ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛି । କୃଷ୍ଣ ଚନ୍ଦ୍ର ପେଡିଙ୍କ ପୁଅ ଅନୁପମ ପେଡି (୨୪) ନିଜ ଘରେ ଅପରାହ୍ନ ୫ଟା ବେଳେ ଇଲେକ୍ଟ୍ରିବୋର୍ଡ ମରାମତି କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଷରେ ଆସିଥିଲେ । ତାର ବାପା ବିଲକୁ ଯାଇଥିବା ବେଳେ ତାର ମା ବାହାରେ କାମ କରୁଥିଲେ । ମା ଘରକୁ ଫେରି ଏ ସମ୍ପର୍କରେ ଜାଣିପାରି ସମସ୍ତଙ୍କୁ ଡାକ ପକାଇଥିଲେ । ସଂଗେ ସଂଗେ ତାକୁ ଉଦ୍ଧାର କରି ହାତୀଗଡ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯୁବକ ଜଣକ ବାରିପଦାସ୍ଥିତ ତକତ୍‌ପୁର ଆଇଟିଆଇରେ ଛାତ୍ର ଥିଲେ ।

# କୋଭିଡ କଟକଣା ମଧ୍ୟରେ ସ୍ୱାଧୀନତା ଦିବସ ପାଳନ ନିଷ୍ପତ୍ତି

ବାଲେଶ୍ୱର,୦୪/୦୮ (ନି.ପ୍ର): ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍-୧୯ କଟକଣା ମଧ୍ୟରେ ପାଳନ କରାଯିବା ନେଇ ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏନେଇ ଅପରାହ୍ନ ବୁଧବାର ୫ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲାପଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ । ପ୍ରତିବର୍ଷ ଭଳି ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ରରେ ରାମଧୂନ ପରିବେଷଣ କରାଯିବ। ସକାଳ ଘ୭.୩୦ ମିନିଟ ସୁଦ୍ଧା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ସୁଦ୍ଧା କୋଭିଡ ନିୟମର ଅନୁପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ। ରିଜର୍ଭ ପୁଲିସ ପଡ଼ିଆରେ




ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ । ଚଳିତ ବର୍ଷ ଆନୁଷ୍ଠାନିକ ପରେଡ/ମାର୍ଚ୍ଚପାଷ୍ଟ ହେବ ନାହିଁ । କେବଳ ପୁଲିସ ବାହିନୀ ଜାତୀୟ ପତାକାକୁ ସମ୍ମାନ ଜଣାଇ ସଲାମୀ ଦେବେ । ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏଥିରେ ଭାଗ ନେବେ ନାହିଁ । ରାଜ୍ୟ ଗୃହ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ କୋଭିଡ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ। କୋଭିଡ କଟକଣା ଅନୁଯାୟୀ ପଡିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଉତ୍ସବ ପାଳନ ପୂର୍ବରୁ ପଡିଆକୁ ଭଲ ଭାବେ ବିଶୋଧନ୍ କରାଯିବ । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନଲାଇନ ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଅନୁରୂପ ଭାବେ ଉପଖଣ୍ଡ, ବ୍ଲକ ଓ ପଞ୍ଚାୟତସ୍ତରରେ ମଧ୍ୟ ସରକାରୀ ମାର୍ଗଦର୍ଶିକା ଅନୁସାରେ ସ୍ୱାଧୀନତା ଦିବସ ପାଳନ କରିବା ନିମନ୍ତେ ଏହି ବୈଠକରେ ସ୍ଥିରକରାଯାଇଛି। ଆଜିର ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ତଥା ସଦର ବିଡିଓ କୁନାଲ ଚୌହାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେବଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପୂର୍ବ ବର୍ଷର ବିବରଣୀ ପାଠ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନଙ୍କ ଅପ୍ରକାଶିତ ପାଣ୍ଡୁଲିପିର ଉଦ୍ଧାରପାଇଁ ଲଢ଼ିଲେ ସାହିତ୍ୟ ପରିଷଦ ଓ ଭାଷା ବିକାଶ ଆନ୍ଦୋଳନ

ବାଲେଶ୍ୱର,୦୪/୦୮ (ନି.ପ୍ର): ଫକୀରମୋହନଙ୍କ ଅନେକ ଅପ୍ରକାଶିତ ପାଣ୍ଡୁଲିପି ତାଙ୍କର ଅଣନାତୁଣୀ ମିନାକ୍ଷୀ ଦତ୍ତଙ୍କର ଆବଦ୍ଧ ଟିଣ ବାକ୍ସ ମଧ୍ୟରେ ଯେ ଶତାଧିକ ବର୍ଷ ଧରି ବନ୍ଦୀ ହୋଇ ରହିଛି ଏହା ଶୁଣିଲେ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ଗୋଟିଏ ଜାତିର ଅସ୍ମିତା ଲଜ୍ଜାରେ ସେତିକି ନଇଁ ଯାଉଛି। ଆଜି ଯାହାକୁ ଆମେ ଫକୀରମୋହନଙ୍କର 'ଆତ୍ମଜୀବନ ଚରିତ' ଶୀର୍ଷକରେ ଓଡ଼ିଆ ଜାତିର ପ୍ରଥମ ଆତ୍ମଜୀବନୀ ବୋଲି କହି ଗର୍ବ ଅନୁଭବ କରୁଛୁ, ପ୍ରକୃତରେ ତାହା ଏକ ସଂପୂର୍ଣ୍ଣ ଆତ୍ମଜୀବନୀ ଗ୍ରନ୍ଥ ନୁହେଁ ବରଂ ମୂଳ ଆତ୍ମଜୀବନୀର କିଛି ସମ୍ପାଦିତ ଅଂଶ। ଫକୀରମୋହନ 'ମୋ ଜୀବନ' ଶୀର୍ଷକରେ ୫୦୦ ପୃଷ୍ଠାର ଏକ ବିଶାଳ ଆତ୍ମଜୀବନୀ ସୃଷ୍ଟି କରିଥିଲେ, ଯାହାର ମୂଳ ପାଣ୍ଡୁଲିପି ସହିତ ତାଙ୍କ ରଚିତ ରାମାୟଣ ଓ ମହାଭାରତର ସଂପୂର୍ଣ୍ଣ ଭାଗ ମିନାକ୍ଷୀ ଦତ୍ତଙ୍କ ନିକଟରେ ଅଦ୍ୟାପି ପଡ଼ିରହିଛି। ଦୀର୍ଘ ଶହେବର୍ଷ ପରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଡ.ଲଳାଟେନ୍ଦୁ ଦାସ ମହାପାତ୍ର ଶ୍ରୀମତୀ ଦତ୍ତଙ୍କ ନିକଟରୁ ତାହା ସଂଗ୍ରହ କରି ପାଠୋଦ୍ଧାର ପାଇଁ ଯତ୍ନବାନ ହୋଇଥିଲେ ଓ ନିଖିଳ



ପଟ୍ଟନାୟକ ୫୦୦୦ପୃଷ୍ଠାର କୃତିକୁ ଡିଜିଟାଇଜେସନ କାମ ଶେଷ କରିସାରିଛନ୍ତ ବୋଲି ସୂଚନା ମଳୁଛି। ସେସବୁକୁ ପ୍ରକାଶିତ କରି ସର୍ବସାଧାରଣଙ୍କ ନିକଟରେ ଉପଲବ୍ଧ କରାଇବା ପାଇଁ ସଂପ୍ରତି ମିନାକ୍ଷୀ ଦତ୍ତ ଅନୁମତି ପ୍ରଦାନ ନକରି ଡ.ପଟ୍ଟନାୟକ ଓ ଡ.ଦାସଙ୍କ ବିରୋଧରେ ଅଦାଲତର ଆଶ୍ରୟ ନେଇଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ କାହିଁକି ଶ୍ରୀମତି ଦତ୍ତ ଏତେଦିନ ଧରି ଏହି ଦୁର୍ମୂଲ୍ୟ ପାଣ୍ଡୁଲିପିକୁ ଲୁଚାଇରଖି ତାହାକୁ ଜରାଜୀର୍ଣ୍ଣ ଅବସ୍ଥା ପ୍ରାପ୍ତ କରାଇଛନ୍ତି ? ଜାତୀୟ ସମ୍ପତ୍ତିର ଏହି ଅବକ୍ଷୟ ପାଇଁ ଦାୟୀ କିଏ ରହିବ ବୋଲି ଆଜି ସନ୍ଧ୍ୟାରେ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ମତ ପ୍ରକାଶ ପାଇଥିଲା। ପରିଷଦର ସଭାପତି ଡ.ଶିରୀଶଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ.ଜେନା ଏପରି କାର୍ଯ୍ୟର ନିନ୍ଦା ପ୍ରକାଶ କରି ସରକାର ଯଥାଶୀଘ୍ର ଏଥିରେ ମଧ୍ୟସ୍ଥତା ଭୂମିକା ନିଭାଇ ପାଣ୍ଡୁଲିପି ପ୍ରକାଶର ଉଦ୍ୟମ କରନ୍ତୁ ବୋଲି ମତ ରଖିଥିଲେ। ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ସରକାର ଏହି ପାଣ୍ଡୁଲିପିଗୁଡ଼ିକୁ ଅଧିଗ୍ରହଣ କରି ଏକାଡେମୀ ମାଧ୍ୟମରେ ପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଦୀନବନ୍ଧୁ ଲେଙ୍କା, ଶରତ କୁମାର ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ବିଶ୍ୱନାଥ ରଣା, ମମତା ମହାପାତ୍ର,ଦୀପକ ବୋଷ,ଡ.ରତ୍ନାକର ସିଂହ, କମଳାକାନ୍ତ ଦାଶ,ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ନିଜ ନିଜର ମତ ପ୍ରଦାନ କରିଥିଲେ। ଡା.କୁମାର ଗୋପାଳ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ମିଳିତଭାବରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଇଥିଲେ।

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୧୩୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୨୧୮୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୬୨୦୮୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୩୮୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୧୫ ଜଣଙ୍କ ମଧ୍ୟରୁ ୭୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୨ ଜଣ, ଭଦ୍ରକରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୯୮, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୮ ଜଣ, ଗଜପତି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୩ ଜଣ, ଯାଜପୁରରୁ ୮୯ ଜଣ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି କଳାହାଣ୍ଡିରୁ ୪ ଜଣ, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୧୩ ଜଣ, କୋରାପୁଟରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଆନ୍ଦୋଳନରୁ ଓହରିଲା ବାଲେଶ୍ୱର ଓକିଲ ସଂଘ

ବାଲେଶ୍ୱର,୦୪/୦୮ (ନି.ପ୍ର): ବିନା ଅଭିଯୋଗରେ ରାତି ଅଧିଆ ସୋର ଆଇନଜୀବୀଙ୍କୁ ପୁଲିସର ଆକ୍ରମଣ ଘଟଣାରେ ନ୍ୟାୟ ଦାବିରେ ଗତ ୨୯ ତାରିଖରୁ ସମଗ୍ର ଜିଲାରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଛି ବାଲେଶ୍ୱର ଜିଲା ଓକିଲ ସଂଘ। ଏହି ପରିପ୍ରେକ୍ଷୀରେ କଚେରୀ ହତାରେ ଥିବା ୫ ନଂ ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ସସ୍ମିତ କୁମାର ନନ୍ଦୀ ପ୍ରମୁଖ ଯୋଗଦେଇ ଅଭିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗତ ୫ ଦିନଧରି ଚାଲିଥିବା ଆନ୍ଦୋଳନକୁ ସଫଳ କରିବାରେ ଓକିଲମାନଙ୍କ ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଅଭିଯୁକ୍ତ ପୁଲିସ ଅଧିକାରୀ ବି କେ ବାଲା ସମେତ ସୋର ଥାନାର ଅନ୍ୟତମ ଅଭିଯୁକ୍ତ ପୁଲିସ କର୍ମଚାରୀ ଚନ୍ଦ୍ର ଶେଖର ମହାନ୍ତିଙ୍କୁ ନିଲମ୍ବନ କରାଯାଇ ଥିବା ପଦସ୍ଥ ପୁଲିସ ଅଧିକାରୀ ଗତକାଲି ସୂଚନା ଦେଇଥିଲେ। ଏମିତିକି ଅନ୍ୟାନ୍ୟ ଅଭିଯୁକ୍ତ ପୁଲିସଙ୍କ ବିରୋଧରେ ଗ୍ରହଣ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଓକିଲ ସଂଘର ଏକ ବୈଠକ ଆୟୋଜିତ ହୋଇଥିଲା। ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସର୍ବ ସମ୍ମତି କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବାଲେଶ୍ୱର ସମେତ ବସ୍ତା, ସୋର, ନୀଳଗିରି, ଜଳେଶ୍ୱର ପ୍ରଭୃତି ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପ୍ରଣବ ଥିଲେ ଯୁବମାନସର ଅନନ୍ୟ ପ୍ରେରଣାଦାତା

## ମିଡିଆଫୋରମ ପକ୍ଷରୁ ପ୍ରଣବ ସାହୁଙ୍କ ତିରୋଧାନ ଦିବସ ଓ ସ୍ମୃତିସଭା



ବାଲିଆପାଳ,୦୪/୦୮ (ନି.ପ୍ର): ସ୍ୱର୍ଗତଃ ପ୍ରଣବ ସାହୁ ଥିଲେ ଯୁବ ମାନସର ଅନନ୍ୟ ପ୍ରେରଣା ଦାତା । ଦିବ୍ୟାଙ୍ଗ ମାନଙ୍କ ନୟନ ପିତୁଳା । ତଥା ସମାଜ ପ୍ରତିବଦ୍ଧ ଏକ ନିଷ୍ଠାପର ମଣିଷ । ପ୍ରଣବର କାର୍ଯ୍ୟଶୈଳୀ, ଜାତିପ୍ରତି ଓ ଆତ୍ମୀୟ ସମ୍ପର୍କ ତାଙ୍କୁ ସବୁଦିନ ପାଇଁ ସ୍ମୃତିରେ ସ୍ମୃତିରେ ବଂଚାଇ ରଖିବ ବୋଲି ଆଜି ବାଲିଆପାଳ ମିଡିଆଫୋରମ ପକ୍ଷରୁ ସ୍ୱରିଷ୍ଠ ସାମ୍ବାଦିକ ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ପ୍ରଣବ ସାହୁଙ୍କ ତିରୋଧାନ ଦିବସ ଅବସରେ ଅନୁଷ୍ଠିତ ସ୍ମୃତିସଭାରେ ଯୋଗଦେଇ ବିଶିଷ୍ଟବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।ବ୍ଲକଛକସ୍ଥିତ ଏସ କେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମିଡିଆ ଫୋରମର ଅନ୍ୟଥମ ଉପଦେଷ୍ଟା ବ୍ୟୋମକେଶ ସାହୁ ସଭାପତିତ୍ୱ କରିଥିଲେ । ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ବରିଷ୍ଠ ନାଗରିକ ପରିଷଦ ସଭାପତି ତଥା ସ୍ୱର୍ଗତଃ ପର୍ଣବଙ୍କ ବାପା ନାରାୟଣ ପ୍ରସାଦ ସାହୁ ବରିଷ୍ଠ ଅଧ୍ୟାପକ ସୁକାନ୍ତ ଗିରି,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ବରିଷ୍ଠ ସାମ୍ବାଦିକତଥା ଓରସାର ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ କୁମାର ପାତ୍ର,ସୂଚନା ଅଧିକାର ସଂଘ ସଭାପତି ଅନୁଜ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ସ୍ମୃତି ଚାରଣ କରିଥିଲେ । ଜଣେ ନିର୍ଭିକ ସାମ୍ବାଦିକ ତଥା ଭିନ୍ନକ୍ଷମ ମାନଙ୍କର ସୁଖ ଦୁଃଖରେ ସାଥି ହୋଇ ସେମାନଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ କରି ବାଲିଆପାଳରେ ଜନ ମାନସରେ ସେ ନିଜର ସ୍ୱତନ୍ତ୍ରପରିଚୟ ସୃଷ୍ଟିକରିପାରିଥିଲେ । ବାଲିଆପାଳ ବେଳାଭୂମି ମହୋତ୍ସବର ସେ ଥିଲେ ଅନ୍ୟତମ ପ୍ରତିଷ୍ଠା । ସଦସ୍ୟ । ଶିକ୍ଷକତା ପରେ ସେ ଅନେକ ସାମାଜିକ ସଙ୍ଗଠନ ସହ ଜଡିତ ଥାଇ ସମାଜସେବାରେ ନିଜକୁ ସାମିଲ କରିଥିଲେ ।ମିଡିଆ ଫୋରମ ର ମୁଖ୍ୟ ଉପଦେଷ୍ଟା ଭାବରେ ବାଲିଆପାଳର ଅନେକ ପ୍ରମୁଖ ସମସ୍ୟା ଓ ତାର ସମାଧାନ ଦିଗରେ ସେ ତାଙ୍କର ଚେଷ୍ଟା ଅବ୍ୟାହତ ରଖିଥିଲେ । ତାଙ୍କ ନିତି ଆଦର୍ଶ ଯୁବ ପିଢୀଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀସେବାଶିକ୍ଷାଶ୍ରମ ମୁଖ୍ୟ ସନ୍ୟାସୀ ବେହେରା, ଶିକ୍ଷକ ନେତା ନିତାଇ ଚରଣ ରାଉଳ, ଅବସରପ୍ରାପ୍ତ ଅଧ୍ୟାପକ ବୀର ମାଧବ ଦାସ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟବିଭାଗର କର୍ମଚାରୀ ବିଜୟ ପାତ୍ର, ଗୋପୀନାଥ ଗଙ୍ଗାଇ, ମିଡିଆଫୋରମର ସଂପାଦକ ପ୍ରତାପ ପାତ୍ର,ବରିଷ୍ଠ ସାମ୍ବାଦିକ ତାରାକାନ୍ତ ଜେନା, ଅଜିତ ଦାସ, ଗୋପାଳଚନ୍ଦ୍ର ସାହୁ, ହରେକୃଷ୍ଣ ଦାସ,ଦିଲ୍ଲୀପ ଦାସ, ପ୍ରଦୀପ ଜେନା,ମନୋରଞ୍ଜନ ପାଣିଗ୍ରାହୀ, ଶିବକୃଷ୍ଣ ପ୍ରମାଣିକ, ଉମାକାନ୍ତ ନାୟକ, ଚନ୍ଦନ ଜେନା, ପଙ୍କଜ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ଗୀତିକାର ରମାନାଥ କର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲାବେଳେ ସାମ୍ବାଦିକ ସାଗର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନି; ନୀରବ ପ୍ରାର୍ଥନା କରାଯାଇଥିଲା ।

# ନକଲି ମଦ କାରଖାନା ଉପରେ ଚଢାଉ : ଜଣେ ଗିରଫ



ବାରିପଦା,୦୪/୦୮ (ନି.ପ୍ର): ନକଲି ମଦ କାରବାର ଦିନକୁ ଦିନ ବଢିଚାଲିଥିବା ବେଳେ, ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗ୍ରାମାଂଚଳରେ ନକଲି ମଦର କାରବାର ବେଶ ବୃଦ୍ଧି ପାଉଥିବାର ଦେଖାଯାଉଛି । ବିଭିନ୍ନ ନାମିଦାମୀ କମ୍ପାନୀର ଲୋଗ ଥିବା ବୋତଲର ନକଲି ମଦ୍ୟପାନ କରି ଅନେକ ସମୟରେ ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡୁଥିଲେ ମଧ୍ୟ ଅବକାରୀ ବିଭାଗର ଘନଘନ ଚଢାଉ ଏବଂ ନକଲି ମଦ ସରଞ୍ଜାମ ଜବଦ ପରେ ମଧ୍ୟ ଏହି ନକଲି ମଦକାରବାର ଜିଲ୍ଲାରେ କମିବାର ନାମ ନେଉନି । ସୂଚନା ମୁତାବକ ଆଜି ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଠଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ଅବକାରୀ ଇନସପେକଟର ବିକାଶ ଟୋପ୍ପ, ଉଦଳା ଇନସପେକଟର ଅଭିରାମ ବେହେରା, ଓଆଇସି ନିରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପାତ୍ର, କ୍ଷୀରୋଦ ପାତ୍ର ପ୍ରମୁଖଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ବଡସାହି ଥାନା ଅନ୍ତର୍ଗତ ଉଠାଣୀନୂାଗାଁ ରେ ଅଚାନକ ଚଡାଉକରି ୨୦ ଲିଟର ସ୍ପିରିଟ, ୫୦୦ମିଲି କଲର, ୧ଲିଟର୬୨୦ ମିଲି ଡୁପ୍ଲିକେଟ ଆଇଏମଏଫଏଲ, ବିଭିନ୍ନ ନାମିଦାମୀ କମ୍ପାନୀର ଲେବୁଲ ଥିବା ୧୬୦ ଟି ବୋତଲ କେପ ଆଦି ଜବଦ କରିବା ସହିତ ଅଭିଯୁକ୍ତ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ଗିରଫ କରାଯାଇଥିବାର ଜଣାଯାଇଛି ।

# ମହାରାଜା କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସରେ ଅକ୍ସିମିଟର ପ୍ରଦାନ



ବାରିପଦା,୦୪/୦୮ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ କୋଭିଡ୍ ନିୟମ ପାଳନ ପୂର୍ବକ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ଡ. ସରୋଜ କୁମାର ନାୟକ ସଦସ୍ୟ ମାନଙ୍କୁ ଅକ୍ସିମିଟର ପ୍ରଦାନ କରିଥିଲେ। ସଂସଦର ପ୍ରତିଷ୍ଠାତା କବି ଅମିତାଭ ମିଶ୍ର କୋଭିଡ୍ ମହାମାରୀ ସମୟରେ ବିଭିନ୍ନ ସେବା ମୂଳକ କାର୍ଯ୍ୟ ପାଇଁ ସଦସ୍ୟ ମାନଙ୍କର ସକ୍ରିୟ ସହଯୋଗକୁ ପ୍ରଶଂସା କରିଥିଲେ। ଉପ-ସଭାପତି ଅମୂଲ୍ୟ କୁମ୍ଭକାର ସଂସଦର ଉପଦେଷ୍ଟା ଡ.ସୁଧୀର ରଞ୍ଜନ ତ୍ରିପାଠୀଙ୍କ ତାଙ୍କର ସହଯୋଗ ପାଇଁ କୃତଜ୍ଞତା ବ୍ୟକ୍ତି କରିଥିଲେ। ସୂଚନାଯୋଗ୍ୟ ଡ. ତ୍ରିପାଠୀ ସଂସଦର ସମସ୍ତ ସଦସ୍ୟ ମାନଙ୍କ ନିମିତ୍ତ ଅକ୍ସିମିଟର ପାଇବାର ବନ୍ଦୋବସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମନୋଜ କୁମାର ପରିଡା ତନ୍ମୟ କୁମାର ତ୍ରିପାଠୀ, ରାମାନନ୍ଦ ଦେଓ, ରାଜୀବ ଲୋଚନ ଜେନା, ଲକ୍ଷ୍ମୀନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଓବିସି ମାନଙ୍କର ଜାତି ଆଧାରିତ ଜନଗଣନା ପାଇଁ ଦାବି




ବାରିପଦା,୦୪/୦୮ (ନି.ପ୍ର): ନିଟ ପରୀକ୍ଷାକୁ ରଦ୍ଦ କରିବା ତଥା କେନ୍ଦ୍ର ସରକାର ଦ୍ୱାରା ଓବିସି ମାନଙ୍କର ଜାତି ଆଧାରିତ ଜନଗଣନା ନକରାଯିବା ବିରୋଧରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ରାଷ୍ଟ୍ରବ୍ୟାପୀ ଚରଣବୋନ୍ଧ ଆନ୍ଦୋଳନ ଚାଲୁ ରହିବା ପରିପ୍ରେକ୍ଷୀରେ ଆଜି ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ଶାଖା ଏବଂ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ତରଫରୁ ନିଟ ପରୀକ୍ଷାକୁ ରଦ୍ଦ କରିବା, ସଂଖ୍ୟାନୁପାତରେ ପ୍ରତିନିଧିତ୍ୱ ବା ଆରକ୍ଷଣ ଯୋଗାଇ ଦେବା, ଜାତି ଆଧାରିତ ଜନଗଣନା କରିବା ଏବଂ କ୍ରିମିଲେୟର ହଟେଇବା ଆଦି ଦାବୀ ନେଇ ଜିଲ୍ଲା ସ୍ତରରେ ଏକ ଶୋଭାଯାତ୍ରା ପ୍ରଦର୍ଶନ କରାଯିବା ସହିତ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଥିବାର ଜଣାଯାଇଛି। ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ତରଫରୁ ମୟୁରଭଞ୍ଜ ଜିଲ୍ଲା ସହ ସଂଯୋଜକ ସରୋଜ କୁମାର ମହାନ୍ତ ଓ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ଜିଲ୍ଲା ସଭାପତି ବୀରେନ୍ଦ୍ର ନାଥ ଟୁଡୁଙ୍କର ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ଓ ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘର ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ଡେମକା ବାସ୍କେ , ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବୁଧୁରାମ ସିଂ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ସଭାପତି ମୋହନ ବାସ୍କେ, ଶ୍ୟାମାଖୁଂଟା ବ୍ଲକର କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଲ ଚରଣ ସିଂ, ବୁଧୁରାମ ସିଂ, ଶଙ୍କର ସିଂ, ଫାଗୁରାମ ହାଂସଦା, ହେମନ୍ତ ପାତ୍ର, ରାକେଶ କୁମାର ମହାନ୍ତ, ମଧୁସୂଦନ ସେଜପଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦଳାରେ ଭାଜପା ଯୁବ ମୋର୍ଚ୍ଚା ତରଫରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଉଦଳା,୦୪/୦୮ (ନି.ପ୍ର): ଓଡ଼ିଶା ଷ୍ଟାଫ ସିଲେକସନ କମିଶନରେ ହୋଇଥିବା ଲାଞ୍ଚ କାରବାରକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ଉଦଳା ଶାଖା ତରଫରୁ ଆଜି ଅଗଷ୍ଟ ୪ ତାରିଖ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଦିର୍ଘ ୨୨ ବର୍ଷ ଧରି ମୁକ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଶାସନ କରୁଥିଲେ ହେଁ ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରି ନାହାଁନ୍ତି । ଓଡ଼ିଶାର ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏପରି ସ୍ଥଳେ ଓଡ଼ିଶା ଷ୍ଟାଫ ସିଲେକସନ କମିଶନରେ ଲାଞ୍ଚ ନେଇ ଚାକିରି ଦେବା ମେଧାବୀ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଉଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଦାୟୀ । ଏହାକୁ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚ ନିନ୍ଦା କରିବା ସହିତ ଉଦଳା ବଜାର ବାସନ୍ତି ମଣ୍ଡପ ଛକ ନିକଟରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଛନ୍ତି । ଯୁବମୋର୍ଚ୍ଚ ଜିଲ୍ଲା ସଭାପତି ବଳରାମ ସାହୁଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ସଦସ୍ୟା ପ୍ରମିଳା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସଂପାଦକ ଦେବବ୍ରତ ସାମଲ, ଆଇ.ଟି. ସେଲ ସଂଯୋଜକ ରାଜା ବିନ୍ଧାଣୀ, ବାରିପଦା ମଣ୍ଡଳ ସଭାପତି ଚିନ୍ମୟ ପଲେଇ, ଜିଲ୍ଲା ଉପସଭାପତି ଦେବରାଜ ସାହୁ, ଜିଲ୍ଲା ସଂପାଦକ ଚନ୍ଦନ କୁମାର ସେନାପତି, ଉଦଳା ଟାଉନ ସଭାପତି ପ୍ରାଚ୍ୟ ସୁମନ ମହାନ୍ତି, ରାକେଶ ପୁହାଣ, ଦୁସ୍ମନ୍ତ ବେହେରା, ପ୍ରହ୍ଲାଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ଶୁଭାଶିଷ ମହାନ୍ତି, ପୁର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ବରିଷ୍ଠ ନେତା ପ୍ରଭାତ ପରିଡ଼ା, ଉଦଳା ନଗର ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ଶୁଭଦୀପ ମହାନ୍ତି ପ୍ରମୁଖ ସହଯୋଗ କରିଥିବାର ଜଣାଯାଇଛି ।

# ରାଜପଥରେ ଓଲଟିଲା ଗହମ ବୋଝେଇ ଟ୍ରକ୍

ଜଳେଶ୍ୱର,୦୪/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଆଜି ବୁଧବାର ଷ୍ଟେସନ ପୋଲ ନିକଟରେ ଏକ ଗହମ ବୋଝେଇ ଟ୍ରକ୍ ଓଲଟି ପଡିଛି । ଘଟଣାରୁ ପ୍ରକାଶ କୋଲକତାରୁ ଭୁବନେଶ୍ୱର ଯାଉଥିବା ଏମ୍ଏଚ୍୪୬-ବିଏମ୍୧୨୫୫ ଗହମ ବୋଝେଇ ଟ୍ରକ୍ଟି ଦ୍ରୁତଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ ୧୦ଫୁଟ ତଳକୁ ଓଲିଟି ପଡିଛି । ଏଥିରେ ଥିବା ଡ୍ରାଇଭର ଓ ହେଲପର ଅଳ୍ପକେ ରକ୍ଷା ପାଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ କିଛି ଦୁର୍ବୃତ୍ତମାନେ ଗହମ ବସ୍ତା ଲୁଟିଥିବା ଅଭିଯୋଗ ହୋଇଛି । ଖବର ପାଇ ଜଳେଶ୍ୱର ଥାନା ପୁଲିସ୍ ସେଠାରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି ।

# ବାଲେଶ୍ୱରରେ ଦିନକରେ ୪୩ କରୋନା ସଂକ୍ରମିତ : ୮,୩୫,୧୦୨ ପାନ ଛୁଇଁଲା ଜିଲ୍ଲାର ଟିକାକରଣ

ବାଲେଶ୍ୱର,୦୪/୦୮ (ନି.ପ୍ର): ଦ୍ୱିତୀୟ ଲହରରେ ଦୀର୍ଘଦିନ ପରେ ବାଲେଶ୍ୱରରେ ଦୈନିକ ସଂକ୍ରମଣ ହାର ୫୦ରୁ ନିମ୍ନକୁ ଖସିବା ନେଇ ବିଭିନ୍ନ ମହଲରେ ଆଶ୍ୱସ୍ତି ପ୍ରକାପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାତ୍ର ୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୨୦୬ ଓ ସୁସ୍ଥଙ୍କ ସଂଖ୍ୟା ୩୭,୧୫୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଗତ ୨୪ଘଣ୍ଟାରେ କୌଣସି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ନ ଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୯୫ରେ ସ୍ଥିର ଅଛି। ଆଜି ଦିନକରେ ୩ ଗୋଟି କେନ୍ଦ୍ରରେ ୭୮ ଜଣ ସାମ୍ବାଦିକଙ୍କ ସମେତ ମୋଟ ୨୪୨ଜଣଙ୍କୁ ଟିକା ପ୍ରଦାନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ଟିକାକରଣ ୮,୩୫,୧୦୨ ପାନରେ ପହଞ୍ଚିଛି। ଏଥିରେ ୫,୮୬,୭୫୨ ଜଣ ପ୍ରଥମ ପାନ ଓ ୨,୪୮,୩୫୦ ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି। ତେବେ ଆସନ୍ତା ୫,୬ ଓ ୭ ତାରିଖରେ ୩ ଦିନ ମଧ୍ୟରେ ୫୫ ହଜାର ପାନ ଟିକା ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ସହରରେ ଯାନବାହନ ଚଳାଚଳ ନେଇ ପ୍ରଶାସନ ପକ୍ଷରୁ କଟକଣା

ବାଲେଶ୍ୱର,୦୪/୦୮ (ନି.ପ୍ର): ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ସାଙ୍ଗକୁ ସୁଚାରୁରୂପେ ଟ୍ରାଫିକ ନିୟମ ପାଳନ ପାଇଁ ଜିଲା ପ୍ରଶାସନ ତରଫରୁ ସହର ରାସ୍ତାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ଆଇଟିଆଇ. ଛକରୁ ଭାୟା ବାଲେଶ୍ୱର ବସଷ୍ଟାଣ୍ଡ, ଏଫଏମ ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୁଲିସ ଲାଇନ ଛକରୁ ଏଫଏମ କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଏଡିଏମ ଛକ, ଜିଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତ୍ତିକ ଛକ, ମିର୍ଜାପୋଖରୀରୁ ଟାଉନହଲ ଏବଂ ସିନେମା ଛକ ଦେଇ କଲେଜ ଛକ, ଟେକନିକାଲ ସ୍କୁଲ ଛକରୁ ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ନାରୀସଂଘ ଦେଇ ପଦୁଆଁପଦା ଛକ, ହରିପୁର ଛକରୁ ଗଳାପୋଲ, ଦରଜୀପୋଖରୀ, ଚୂନଭାଟି ଦେଇ ମିର୍ଜାପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳରେ କଟକଣା ଲାଗୁ କରାଯାଇଛି । ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇଟିଆଇ ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯାଇଛି। ସେହିପରି ଫାଣ୍ଡି ଛକ(ସହଦେବଖୁଂଟା ଥାନା)ରୁ ଆରମ୍ଭ କରି ଚିଡ଼ିଆପୋଲ ପର୍ଯ୍ୟନ୍ତ ମୁଖ୍ୟ ପରିବହନ ରାସ୍ତାରେ ଦୁଇ ଚକିଆ ବ୍ୟତୀତ ସମସ୍ତ ପ୍ରକାର ଯାନର ବେଆଇନ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି । ଏ ସମସ୍ତ ଯାନ ମିଶନ ପଡ଼ିଆରେ ପାର୍କିଂ କରିବାକୁ କୁହାଯାଇଛି । ଅନୁରୂପ ଭାବେ ଚାନ୍ଦିପୁର ଅଞ୍ଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନାପୁର ଛକରୁ ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ନିଷେଧ କରାଯାଇଛି। ଜିଲାପାଳ କେସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ବୁଧବାର ତା ୪.୮.୨୦୨୧ରିଖରୁ ୨.୯.୨୦୨୧ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବୈଧ ରହିବ ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୦ ଗିରଫ, ୧୦୨୮ବାହନ ଜବତ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୦୨୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୪୧,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ରକ୍ତଦାନ ଶିବିର : ୩୮ ୟୁନିଟ୍ ସଂଗୃହୀତ



ଜଳେଶ୍ୱର,୦୪/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ମହମ୍ମଦନଗରପାଟଣା ଗ୍ରାମର କଲ୍ୟାଣୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ସୁଧାଂଶୁ ଶେଖର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ସମାଜସେବୀ ଗୌରୀଶଙ୍କର ପାଣିଗ୍ରାହୀ ଓ ତ୍ରିଲୋଚନ ଦାସ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିବା ବେଳେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଧାରଣ ସଂପାଦକ ଇ. ଡ. ହୃଷିକେଶ ସାହୁ, ଡାକ୍ତର ପ୍ରଶାନ୍ତ କୁମାର ଦାସ, କ୍ଲବର ସଭାପତି ଶ୍ରୀନାଥ ପାଢୀ, ସଂପାଦକ କେଦାର ନାଥ ସେନାପତି, ନିତାଇ ଲାଲ ଦେଙ୍କ ସହିତ ସଂଜୟ ସାହୁ, ମନୋଜ ଦାସ, ରବିନ୍ଦ୍ର ସାହୁ, ଶିବଶଂକର ଦାସ, ପ୍ରଦୀପ ଜେନା, ଚନ୍ଦନ ସିଟ୍, ଅଜୟ ଦାସ, ଭକ୍ତହରିଚନ୍ଦ ଦାସ, ଲାବଣ୍ୟ ଭୂୟାଁ, ଦୀପକ ସେନାପତି, ମୃତ୍ୟୁଞ୍ଜୟ ନାଥ, ଶାନ୍ତିରାମ ଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo